Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 39

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 28 ସେପ୍ଟେମ୍ବର୍ 2017 28 ତବୁକ୍ 1396 ହି.ଶ 07 ମୋହରମ୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ଓ୍ୱ ବାରିକ୍ଲନା ଫି'ଉମ୍ରିହି ଓ୍ୱ ଅମ୍ରିହି ॥

**ମୁଁ ମୋ ପୁସ୍ତକ କଶ୍ତି ନୁହ୍ ରେ ଏ ଭବିଷ୍ୟବାଣୀ କରିଥିଲି ଯେ ତାଉନ୍ (ପ୍ଲେଗ୍ ରୋଗ ବ୍ୟାପିବା) ସମୟରେ ଆମକୁ ଟିକା ଲଗାଇବା ଆବଶ୍ୟକ ହେବ ନାହିଁ । ଖୁଦା ଆମର ଓ ସେ ସମସ୍ତଙ୍କର ଯେଉଁମାନେ ଆମ ଘରେ ଅଛନ୍ତି, ନିଜେ ସୁରକ୍ଷା କରିବେ । ତା ମୁକାବିଲାରେ ଆମ ସହିତ କୁଶଳତା ଓ ଶାନ୍ତି ରହିବ ।**

## ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

**୪୧-ଏକଚାଳିଶିତମ ନିଦର୍ଶନ** ହେଉଛି କୋଡ଼ିଏ ବା ଏକୋଇଶି ବର୍ଷ ହୋଇଯିବ ମୁଁ ଗୋଟିଏ ଇସ୍ତେହାର ପ୍ରକାଶ କରାଇଥିଲି । ଯେଉଁଥିରେ ଲେଖାଯାଇଥିଲା ଯେ ଖୁଦା ମୋ ସହିତ ଓ୍ୱାଦା କରିଥିଲା କି ମୁଁ ଚାରିଟି ପୁତ୍ର ପ୍ରଦାନ କରିବି ଯେଉଁମାନେ (ଲମ୍ବା) ଆୟୁଷ ପାଇବେ । ଏହି ପେଶ୍‌ଗୋଇ ବାବଦରେ ମଓ୍ୱାହିବୁର୍ ରହ୍‌ମାନ୍ ପୃଷ୍ଠା-୧୩୯ ରେ ଇଙ୍ଗିତ କରାଯାଇଛି । ଅର୍ଥାତ୍ ଏହି ବାକ୍ୟରେ **ଅଲ୍‌ହମ୍‌ଦୋ ଲିଲ୍ଲାହିଲ୍ ଲଜି ଓ୍ୱହବଲି ଅଲଲ୍ କିବରେ ଅରବଅତମ୍ ମେନଲ୍ ବନିନା ଓ୍ୱ ଅନ୍‌ଯଜା ଓ୍ୱଅଦହୁ ମେନଲ୍ ଏହ୍‌ସାନେ ।** ଅର୍ଥାତ୍-ସମସ୍ତ ପ୍ରଶଂସା ସେହି ଅଲ୍ଲାଃଙ୍କ ପାଇଁ ଯିଏ ବୁଢ଼ା ବୟସରେ ମୋତେ ଚାରିଟି ପୁତ୍ର ପ୍ରଦାନ କରିଛନ୍ତି ଏବଂ ନିଜର ପ୍ରତିଶ୍ରୃତି ପୁରଣ କରିଛନ୍ତି (ମୁଁ ଯେଉଁ ଚାରିଟି ପୁତ୍ର ଦେବି) ସୁତରାଂ ସେହି ଚାରିଜଣ ପୁତ୍ର ହେଉଛନ୍ତି ଏପରି ମହ୍‌ମୁଦ୍ ଅହେମଦ୍, ବଶିର୍ ଅହେମଦ୍, ଶରିଫ୍ ଅହେମଦ୍, ମୋବାରକ୍ ଅହେମଦ୍ ଯେଉଁମାନେ ବର୍ତମାନ ଜୀବିତ ଅଛନ୍ତି ।

**୪୨-ବୟାଳିଶିତମ ନିଦର୍ଶନ** ହେଉଛି ଖୁଦା ନାଫ୍‌ଲା (ଅଧିକା) ଭାବେ ପଂଚମ ପୁତ୍ରର ପ୍ରତିଶ୍ରୃତି ଦେଇଥିଲେ ଯେପରି ଏହି ପୁସ୍ତକ ମଓ୍ୱାହିବୁର୍ ରହ୍‌ମାନ୍‌ର ପୃଷ୍ଠା-୧୩୯ରେ ଏପରି ଏହି ପେଶ୍‌ଗୋଇ ଲେଖା ହୋଇଛି **ଓ୍ୱ ବଶ୍‌ଶର୍‌ନି ବିଖାମିସିନ୍ ଫି ହିଇନିମ୍ ମିନଲ୍ ଅହ୍‌ୟାନେ** ଅର୍ଥାତ୍ - ପଂଚମ ପୁତ୍ର ଯିଏ ସେହି ଚାରିଜଣକ ବ୍ୟତିତ ନାଫ୍‌ଲା ରୂପେ ଜନ୍ମ ହେବାର ଥିଲା, ତାର ସୁସମାଚାର ଖୁଦା ମୋତେ ଦେଲେ ଯେ ସେ ଏକ ସମୟରେ ନିଶ୍ଚିତ ଜନ୍ମ ହେବ । ଏ ବାବଦରେ ଆଉ ଗୋଟିଏ ଏଲ୍‌ହାମ୍ ମଧ୍ୟ ହୋଇଥିଲା ଯାହା ଅଖ୍‌ବାର୍ **''ଅଲ୍‌ବଦର୍''** ଏବଂ **''ଅଲ୍‌ହକମ୍''** ରେ ବହୁତ ଦିନ ପୂର୍ବରୁ ଛପା ହୋଇସାରିଛି ତା ହେଉଛି ଏପରି **ଇନ୍ନା ନୁବଶ୍‌ଶିରୁକା ବିଗୁଲାମିନ୍ ନାଫିଲତଲ୍ ଲକା ନାଫିଲତମ୍ ମିନ୍ ଇନ୍‌ଦି** ଅର୍ଥାତ୍- ଆମେ ତୁମକୁ ଆଉ ଗୋଟିଏ ପୁତ୍ରର ସୁସମାଚାର ଦେଉଅଛୁ ଯିଏ ନାଫଲା ହେବେ ଅର୍ଥାତ୍- ପୁତ୍ରର ପୁତ୍ର, ଏହି ନାଫଲା ଆମ ତରଫରୁ ହେବ । ସୁତରାଂ ପାଖାପାଖି ତିନିମାସ ହେବ ମୋ ପୁତ୍ର ମହେମୁଦ୍ ଅହେମଦ୍‌ଙ୍କ ଘରେ ଏକ ପୁତ୍ର ଜନ୍ମ ହୋଇଛି ଯାହାଙ୍କ ନାମ ନସିର୍ ଅହେମଦ୍ ରଖାଯାଇଛି । ସୁତରାଂ ଏହି ପେଶ୍‌ଗୋଇ ସାଢ଼େଚାରି ବର୍ଷ ପରେ ପୁରଣ ହେଲା ।

**୪୩-ତେୟାଳିଶିତମ ନିଦର୍ଶନ** ହେଉଛି ଯେ ମୁଁ ମୋର ପୁସ୍ତକ କଶ୍ତି ନୁହ୍‌ରେ ଏ ପେଶ୍‌ଗୋଇ କରିଥିଲି ଯେ ତାଉନ୍ (ପ୍ଲେଗ୍) ସମୟରେ ଆମକୁ ଟିକା ନେବାର ଆବଶ୍ୟକ ହେବନାହିଁ । ଖୁଦା ଆମର ଓ ସେ ସମସ୍ତଙ୍କୁ ଯିଏ ଆମ ଘରେ ଅଛନ୍ତି ନିଜେ ସୁରକ୍ଷା କରିବେ । ତା ମୁକାବିଲାରେ ଆମ ସହିତ ନିରାପତା ରହିବ । କିନ୍ତୁ କିଛି ଟିକା ଲଗାଇବା ବ୍ୟକ୍ତିଙ୍କ ଜୀବନ କ୍ଷତି ହେବ । ସୁତରାଂ ଏପରି ହିଁ ହେଲା ଓ କିଛି ଲୋକ ଟିକା ଦ୍ୱାରା ଏପରି କ୍ଷତି ସହିଲେ ଯେ ତାଙ୍କ ଦୃଷ୍ଟିଶକ୍ତି ଚାଲିଗଲା ଏବଂ କେତେକଙ୍କ ବିଭିନ୍ନ ଅଙ୍ଗ ପ୍ରଭାବିତ ହେଲା । ସବୁଠାରୁ ବଳି ଏହା ଯେ ଜିଲା ଗୁଜରାତ୍‌ର ମଲ୍‌କଓ୍ୱାଲ୍‌ରେ ଏକା ଥରକେ ଉଣିଶି ଜଣ ଲୋକ ଟିକା ଦ୍ୱାରା ମରିଗଲେ ।

**୪୪-ଚଉରାଳିଶିତମ ନିଦର୍ଶନ** ହେଉଛି ସର୍‌ଦାର୍ ନଓ୍ୱାବ୍ ମୁହମ୍ମଦ୍ ଅଲୀ ଖାନ୍ ସାହେବ୍ ରଇସ୍ ମାଲେର କୋଟ୍‌ଲାଙ୍କ ପୁତ୍ର ଅବଦୁର୍ ରହିମ୍ ଖାଁ ଗୋଟିଏ ଭିଷଣ ଦଗ୍ଧ କରୁଥିବା ଜ୍ୱର ରୋଗରେ ପିଡ଼ିତ ଥିଲେ । ଜୀବନ ବଂଚିବାର କୌଣସି ରାସ୍ତା ଦେଖାଯାଉନଥିଲା ଯେପରି ସେ ମୃତ୍ୟୁର ନିର୍ଦ୍ଦେଶରେ ଥିଲେ । ସେ ସମୟରେ ମୁଁ ତାଙ୍କ ପାଇଁ ଦୁଆ କଲି । ଏହା ତକ୍‌ଦିର୍ ମୁବରରମ୍ (ବିଧିର ବିଧାନ) ପରି ଜଣାପଡ଼ିଲା । ତେବେ ମୁଁ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କଲି ଯେ ହେ ଖୁଦା ! ମୁଁ ଆଙ୍କ ପାଇଁ ସୁପାରିଶ୍ କରୁଅଛି । ଏହାର ଉତରରେ ଖୁଦାତାଲା କହିଲେ **ମନ୍ ଜଲ୍ ଲଜି ୟଶ୍‌ଫଉ ଇନ୍‌ଦହୁ ଇଲ୍ଲା ବଇଜ୍‌ନିହି** ଅର୍ଥାତ୍- କାହାର ସାହାସ ଅଛି ଯେ ଅଲ୍ଲାଃଙ୍କ ବିନା ଅନୁମତିରେ କାହାପାଇଁ ସୁପାରିଶ୍ କରିପାରିବ । ତା ପରେ ମୁଁ ଚୁପ୍ ହୋଇଗଲି, ଏହାପରେ ତତ୍‌କ୍ଷଣାତ୍ ଏଲ୍‌ହାମ୍ ହେଲା । **ଇନ୍ନକା ଅନ୍‌ତଲ୍ ମୟାଜ୍** ଅର୍ଥାତ୍- ତୁମକୁ ସୁପାରିଶ୍ କରିବା ପାଇଁ ଅନୁମତି ଦିଆଗଲା । ତାପରେ ମୁଁ ବହୁତ ମଗ୍ନହୋଇ ଦୁଆ କରିବା ଆରମ୍ଭ କରିଦେଲି । ଖୁଦାତାଲା ମୋ ଦୁଆକୁ ଗ୍ରହଣ କଲେ ଓ ସେ ପୁଅ କବରରୁ ବାହାରକୁ ଆସିଗଲା ଓ ସ୍ୱାସ୍ଥ୍ୟବାନ୍ ହେବାର ଲକ୍ଷଣ ତା ଠାରେ ପ୍ରକାଶ ହେଲା । ସେ ଏତେ କ୍ଷୀଣ ହୋଇଯାଇଥିଲେ ଯେ ବହୁତ ଦିନ ପରେ ସେ ନିଜ ସ୍ୱାସ୍ଥ୍ୟ ଫେରି ପାଇଲା ଓ ସ୍ୱାସ୍ଥ୍ୟବାନ୍ ହୋଇଗଲା । ଏବେ ସେ ଜୀବିତ ବିଦ୍ୟମାନ୍ ଅଛନ୍ତି ।

**୪୫-ପଂଚଚାଳିଶିତମ ନିଦର୍ଶନ** ହେଉଛି ମୋର ଘନିଷ୍ଠ ମିତ୍ର ମୌଲବୀ ନୁରୁଦ୍ଦିନ୍ ସାହେବ୍‌ଙ୍କର ଗୋଟିଏ ପୁତ୍ରର ମୃତ୍ୟୁ ହୋଇଗଲା । ଏବଂ ସେହି ପୁଅର ମୃତ୍ୟୁରେ କିଛି ଅବୋଧ ଶତୃ ବହୁତ ଖୁସି ହେଲେ । ଏଥିପାଇଁ ଯେ ମୌଲବୀ ସାହେବ ଅପୁତ୍ରିକ ରହିଗଲେ । ସେତେବେଳେ ମୁଁ ତାଙ୍କ ପାଇଁ ବହୁତ ଦୁଆ କଲି ଓ ଦୁଆ ପରେ ଖୁଦାତାଲାଙ୍କ ତରଫରୁ ମତେ ଜଣାଇ ଦିଆଗଲା ଯେ ତୁମ ଦୁଆ ଦ୍ୱାରା ଗୋଟିଏ ପୁତ୍ର ଜନ୍ମ ହେବ ଓ ସେ ଏକ ଚିହ୍ନ ସ୍ୱରୁପ କେବଳ ଦୁଆ ଦ୍ୱରା ହିଁ ଜନ୍ମ ହେଲା ବୋଲି ବିବେଚିତ ହେବ । ତତ୍ ସହିତ ଏହା ମଧ୍ୟ ବତାଇ ଦିଆଗଲା ଯେ ତା ଦେହରେ ବହୁତ ବଥ ବାହାରିବ । ସୁତରାଂ ସେହି ପୁତ୍ର ଜନ୍ମ ହେଲା ଯାହାର ନାମ ଅବ୍‌ଦୁଲ୍ ହଇ ରଖାଗଲା । ଓ ତା ଦେହରେ ଅସାଧାରଣ ରୂପେ ବହୁତ ଗୁଡିଏ ବଥ ବାହାରିଲା ଯାହାର ଦାଗ ଏ ପର୍ଯ୍ୟନ୍ତ ବି ଅଛି । ଓ ଏହି ବଥ ବାବଦରେ ଯେଉଁ ନିଦର୍ଶନ ଥିଲା ତାହା ପୁତ୍ର ଜନ୍ମ ହେବା ପୂର୍ବରୁ ଇସ୍ତେହାର୍ ଜରିଆରେ ଛପାଇ ପ୍ରକାଶ କରାଯାଇଥିଲା ।

**୪୬-ଛୟାଳିଶିତମ ନିଦର୍ଶନ** ହେଉଛି ଏକ ସମୟରେ ଯେତେବେଳେ ପଞ୍ଜାବ ପ୍ରଦେଶର କେବଳ ଗୋଟିଏ ସ୍ଥାନ ବ୍ୟତୀତ ଆଉ ସମସ୍ତ ଜିଲ୍ଲାରେ ତାଉନ୍ (ପ୍ଲେଗ୍)ର ଚିହ୍ନବର୍ଣ୍ଣ ନଥିଲା । ସେ ସମୟରେ ଖୁଦାତାଲା ମୋତେ ଜଣାଇଲେ ଯେ ସମଗ୍ର ପଞ୍ଜାବ ପ୍ରଦେଶରେ ତାଉନ୍ ବ୍ୟାପିଯିବ ଓ ସବୁ ସ୍ଥାନ ତାଉନ୍ ଦ୍ୱାରା ଅସ୍ୱଚ୍ଛ ହୋଇଯିବ ଓ ବହୁତ ମୃତ୍ୟୁ ହେବ, ହଜାର ହଜାର ଲୋକ ପ୍ଲେଗ୍‌ର ଶିକାର ହେବେ । ଅନେକ ଗ୍ରାମ ଜନଶୁନ୍ୟ ହୋଇଯିବ । ସେହିପରି ମୋତେ ଦେଖାଇଦିଆଗଲା ଯେ ପ୍ରତ୍ୟେକ ସ୍ଥାନ ଓ ଜିଲ୍ଲାରେ ତାଉନ୍‌ର କଳା ବୃକ୍ଷ ରୋପଣ କରାଯାଇଛି । ସୁତରାଂ ଏହି ପେଶ୍‌ଗୋଇକୁ ମୁଁ ଏହି ଦେଶରେ ଅନେକ ହଜାର ଇସ୍ତେହାର ଏବଂ ପତ୍ରିକାମାନଙ୍କ ଜରିଆରେ ଛପାଇ ପ୍ରକାଶ କଲି । ପୁଣି ଅଳ୍ପ ସମୟ ଅବଧି ପରେ ପ୍ରତ୍ୟେକ ଜିଲ୍ଲାରେ ତାଉନ୍ ବ୍ୟାପିଗଲା । ଫଳତଃ ଏ ପର୍ଯ୍ୟନ୍ତ ତିନି ଲକ୍ଷ ପାଖାପାଖି ଜୀବନ ଚାଲିଗଲାଣି ଓ ବର୍ତମାନ ମଧ୍ୟ ମୃତ୍ୟୁ ହୋଇଚାଲିଛି । ଓ ଖୁଦା ଏ ନିର୍ଦ୍ଦେଶ ଦେଇଛନ୍ତି ଯେ ଯେପର୍ଯ୍ୟନ୍ତ ଏହି ଲୋକମାନେ ନିଜ ଅବସ୍ଥାକୁ ପରିବର୍ତନ ନ କରିଛନ୍ତି ସେ ପର୍ଯ୍ୟନ୍ତ ଏ ଦେଶରୁ କଦାପି ତାଉନ୍ ଦୁର ହେବନାହିଁ ।

**୪୭-ଶତଚାଳିଶିତମ ନିଦର୍ଶନ-** ଚିରାଗଦୀନ୍ ନାମକ ଜଣେ ବ୍ୟକ୍ତି ଜମ୍ମୁ ନିବାସୀ ମୋ ଶିଷ୍ୟତରେ ଦାଖଲ ହୋଇଥିଲା । ପୁଣି ମୁର୍‌ତଦ୍ (ନିଜ ବିଶ୍ୱାସରୁ ଫେରିଗଲା) ହୋଇଗଲା । ଓ ରସୁଲ୍ ହେବାର ଦାବି କଲା । କହିଲା ମୁଁ ଇସାଙ୍କ ରସୁଲ୍ ଅଟେ । ଓ ସେ ମୋ ନାମକୁ ଦଜାଲ୍ ରଖିଲା ଓ କହିଲା ହଜରତ୍ ଇସା ମୋତେ ଅସା (ବାଡ଼ି ବା ପାଂଚଣ) ଦେଇଛନ୍ତି । ଯାହାଦ୍ୱାରା ମୁଁ ଏ ଦଜାଲ୍‌କୁ ହତ୍ୟା କରିବି । ମୁଁ ତା ବାବଦରେ ପେଶ୍‌ଗୋଇ କରିଥିଲି ଯେ ସେ ଅଲ୍ଲାଃଙ୍କ ରୋଷର ବ୍ୟାଧିରେ ଅର୍ଥାତ୍ ତାଉନ୍ ଦ୍ୱାର ହଲାକ୍ ହେବ ଓ ଖୁଦା ତାକୁ ବିନାଶ କରିବେ । ସୁତରାଂ ସେ ୪-ଏପ୍ରିଲ୍-୧୯୦୬ ଦିନ ନିଜ ଦୁଇ ପୁତ୍ରଙ୍କ ସହିତ ତାଉନ୍ ଦ୍ୱାରା ନିଃଶେଷ ହୋଇଗଲା ।

**୪୮-ଅଠଚାଳିଶିତମ ନିଦର୍ଶନ** ହେଉଛି ମୁଁ ମିର୍ଜା ଅହେମଦ୍ ବେଗ୍ ହୁଶିଆର୍‌ପୁରୀଙ୍କ ବାବଦରେ ପେଶ୍‌ଗୋଇ କରିଥିଲି ଯେ ସେ ତିନିବର୍ଷ ଅବଧି ଭିତରେ ମରିଯିବ । ସୁତରାଂ ସେ ତିନି ବର୍ଷ ଭିତରେ ମରିଗଲା ।

**୪୯-ଅଣଚାଶତମ ନିଦର୍ଶନ** ହେଉଛି ମୁଁ ଜଲ୍‌ଜଲା (ଭୂମିକମ୍ପ) ବାବଦରେ ପେଶ୍‌ଗୋଇ କରିଥିଲି । ଯାହା ଅଲ୍‌ହକମ୍ ଓ ଅଲ୍‌ବଦର୍ ଖବରକାଗଜରେ ଛପା ହୋଇାସାରିଛି ଯେ ଗୋଟିଏ ଭୀଷଣ ଭୁମିକମ୍ପ ହେବ । ଯିଏ ପଞ୍ଜାବର କିଛି ଭାଗରେ ଭୀଷଣ କ୍ଷୟ କ୍ଷତି କରିବ ଓ ସେ ପେଶ୍‌ଗୋଇର ବାକ୍ୟ ଗୁଡିକ ଏପରି ଥିଲା । ଅଫତତ୍ ଦିୟାରୁ ମହିଲ୍ଲୁହା ଓ ମୁକାମୁହା ସୁତରାଂ ସେହି ପେଶ୍‌ଗୋଇଟି ୪-ଏପ୍ରିଲ-୧୯୦୫ ମସିହାରେ ପୁରଣ ହେଲା ।

**୫୦-ପଚାଶତମ ନିଦର୍ଶନ** ହେଉଛି ପୁଣି ଆଉ ଗୋଟିଏ ପେଶ୍‌ଗୋଇ କରିଥିଲି ଯେ ଏହି ଭୂମିକମ୍ପ ପରେ ବସନ୍ତ ଋତୁରେ ଆଉ ଗୋଟିଏ ଭୂମିକମ୍ପ ଅନୁଷ୍ଠିତ ହେବ । ଏହି ଏଲ୍‌ହାନୀ ପେଶ୍‌ଗୋଇର ଗୋଟିଏ ବାକ୍ୟ ଏପରି ଥିଲା । ''ଫିର୍ ବାହାର୍ ଆଇ, ଖୁଦା କି ବାତ୍ ଫିର୍ ପୁରି ହୁଇ ।

ସୁତରାଂ ୨୮ ଫେବୃୟାରୀ ୧୯୦୬ ମସିହା ଦିନ ସେହି ଭୁମିକମ୍ପଟି ହେଲା ଓ ପାହାଡ଼ିଆ ସ୍ଥାନ ମାନଙ୍କରେ ଜୀବନ ଓ ଧନର ବହୁତ କ୍ଷୟ କ୍ଷତି ହେଲା ।

**(ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୨୮-୨୩୧)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ୍ କାଦିଆନ୍

# ଇନ୍‌ଫାକ୍ ଫି ସବିଲିଲ୍ଲାଃ

## (ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା)

ମୌଲାନା ଅତାଉଲ୍ ମୁଜିବ୍ ରାଶିଦ୍ (ଇମାମ୍ ମସ୍‌ଯିଦ୍ ଫଜଲ୍ ଲଣ୍ଡନ୍)

ଭାଗ - ୨ ର ଅବଶିଷ୍ଟାଂଶ

ଆପଣ ସ:ଆ:ସ କହିଲେ ''ତୁମର ଅସଲ ଧନ ତାହା ଯାହାକୁ ତୁମେ ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କରି ଆଗକୁ ପ୍ରେରଣ କରିଅଛ ଯାହା ପଛରେ ବାକି ରହିଗଲା ସେ ସବୁ ଉତରାଧିକାରୀଙ୍କ ଧନ ଅଟେ''। (ମୁସଲିମ୍ କିତାବୁ ଜକାତ୍... ହଦିସ୍ ନଂ-୨୩୮୩)

ଆପଣ ସ:ଆ:ସ କହିଲେ ''ମୁସଲମାନ ବ୍ୟକ୍ତି ସଦ୍‌କା କରିବା ଦ୍ୱାରା ବୟସ ବଢ଼ିଯାଏ ଏବଂ ଖରାପ ମୃତ୍ୟୁରୁ ବଂଚାଇ ଦିଆଯାଏ'' (କନଜୁଲ୍ ଆମାଲ୍ ହଦିସ୍ ନଂ-୧୬୦୬୨)

ଆପଣ ସ:ଆ:ସ କହିଲେ ''ପ୍ରତ୍ୟେକ ଉମ୍ମତରେ ଗୋଟିଏ ପରୀକ୍ଷା ନିଆଯାଏ। ମୋ ଉମ୍ମତ୍‌ର ପରୀକ୍ଷା ହେଉଛି ଧନ'' (ତିରମିଜି କିତାବୁଲ୍ ଜୁହଦ୍....)

ଆପଣ ସ:ଆ:ସ କହିଲେ ''ଅଲ୍ଲାଃଙ୍କ ରାସ୍ତାରେ ଗଣି ଗଣି ଖର୍ଚ୍ଚ କରନାହିଁ ନଚେତ୍ ଅଲ୍ଲାଃତାଲା ମଧ୍ୟ ତୁମକୁ ଗଣି ଗଣି ଦେବେ। ନିଜ ଟଙ୍କା ଥଳୀର ମୁହଁକୁ କଂଜୁସୀ କରି ବନ୍ଦ କରି ବସିଯାଅନାହିଁ ନଚେତ୍ ତାର ମୁହଁ ବନ୍ଦ କରି ରଖାଯିବ। ଯେତେ ପାରୁ ପର୍ଯ୍ୟନ୍ତ ହୃଦୟ ଖୋଲା ରଖି ଖର୍ଚ୍ଚ କର''। (ବୁଖାରି କିତାବୁଲ୍ ଜକାତ୍...)

ପବିତ୍ର କୋରାନ୍ ଓ ଏହି ହଦିସ୍ ଗୁଡିକରୁ ମିଳିଥିବା ମାର୍ଗ ଦର୍ଶନରୁ ଏହାର ବାସ୍ତବିକତା ଜଣାପଡୁଛି ଯେ ଦୀନ୍‌ର ଆବଶ୍ୟକ ପାଇଁ ମାଲି କୁର୍‌ବାନୀ କରିବା ଏବଂ ଅଲ୍ଲାଃଙ୍କ ସାନିଧ ହାସଲ୍ କରିବା ଗୋଟିଏ ନିଶ୍ଚିତ ମାଧ୍ୟମ ଅଟେ। ଏହି ମାଲି କୁର୍‌ବାନୀ କରିବା ଦ୍ୱାରା ଗୋଟିଏ ପଟେ କୁର୍‌ବାନୀ କରିବା ବ୍ୟକ୍ତିମାନଙ୍କୁ ଅଲ୍ଲାଃତାଲାଙ୍କ ପ୍ରେମ ମିଳିଥାଏ, ଦ୍ୱିତୀୟ ପଟେ ଦୟାଶୀଳ ଓ କରୁଣାମୟ ଖୁଦା ଏହି ଦୁନିଆରେ ଏହିପରି ନିଷ୍ଠାପର ଭକ୍ତମାନଙ୍କୁ ପ୍ରଦାନ କରିବା ଆରମ୍ଭ କରିଦେଇଥାଏ। ତା ଫଜଲ୍ ଦ୍ୱାରା ସେ ବ୍ୟକ୍ତିର ଥଳୀକୁ ଭରିଦେଇଥାଏ, ଅଗଣତି (ଧନ) ପ୍ରଦାନ କରେ। ତାର ଦୁଃଖ ଦୁର୍ଦ୍ଦଶାକୁ ଦୂର କରିଥାଏ। ତା ଜୀବନରେ ବର୍‌କତ୍ ଦେଇଥାଏ। କେବଳ ଏତିକି ନୁହେଁ ବରଂ ତାକୁ ଏ ଜୀବନରେ ଯନ୍ନତ୍ ଭଳି ପରିବେଶ ପ୍ରଦାନ କରିଥାଏ ଏବଂ ନିଜେ ତାର ଆବଶ୍ୟକକୁ ପୁରଣ କରିଥାଏ। ଏହି ମାଲି କୁର୍‌ବାନୀ କରିଥିବା ବ୍ୟକ୍ତିଙ୍କ ପାଇଁ ପରକାଳରେ ଯନ୍ନତ୍ ପ୍ରଦାନ କରିବାର ସତ୍ୟ ପ୍ରତିଶ୍ରୁତି ଖୁଦା ଦେଇଅଛି, ଯେଉଁଥିରେ କୌଣସି ପ୍ରକାର ଶଙ୍କା ରଖିବା ଉଚିତ୍ ନୁହେଁ।

### ହଜ୍‌ରତ୍ ମସିହ୍ ଆ:ସଙ୍କ କିଛି ଉପଦେଶାବଳୀ

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଲେଖା ଏବଂ ମଲ୍‌ଫୁଜାତ୍‌ରେ ଇନ୍‌ଫାକ୍ ଫି ସବିଲିଲ୍ଲାଃ (ଅଲ୍ଲାଃଙ୍କ ରାସ୍ତାରେ ଖର୍ଚ୍ଚ କରିବା) ବିଷୟରେ ବହୁତ ବ୍ୟାଖ୍ୟାରେ ବର୍ଣ୍ଣନା କରିଛନ୍ତି ଏବଂ ନିଜର ଅନୁଯାୟୀମାନଙ୍କୁ ଏହାର ଗୁରୁତ୍ୱ, ଲାଭ ଓ ଆବଶ୍ୟକକୁ ବାରମ୍ବାର ସୁଚାଇ ଏହି ମାର୍ଗରେ ଆଗକୁ ବଢ଼ିବା ପାଇଁ ଉପଦେଶମାନ ଦେଇଛନ୍ତି। ସେହି ବିଶାଳ ଭଣ୍ଡାରରୁ କିଛି ନମୁନା ଆପଣମାନଙ୍କ ସେବାରେ ଉପସ୍ଥାପନ କରୁଅଛି।

ଆପଣ ଆ:ସ କହୁଛନ୍ତି ''ସଚ୍ଚା ଇସଲାମ୍ ହେଉଛି ଏହା ଯେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ସବୁ ଶକ୍ତି ଓ ସାମର୍ଥ୍ୟକୁ ଜୀବିତ ଥିବା ପର୍ଯ୍ୟନ୍ତ ଓ୍ୱକ୍‌ଫ (ତ୍ୟାଗ) କରିଦେଉ। ଫଳତଃ ସେ ହୟାତେ ତୟବା (ପବିତ୍ର ଜୀବନ)ର ଉତରାଧିକାରୀ ହୋଇପାରିବ। (ଅଲ୍‌ହକମ୍, ଖଣ୍ଡ-୪, ସଂଖ୍ୟା-୨୯, ୧୬ ଅଗଷ୍ଟ-୧୯୦୦)

''ଅସଲ ରାଜିକ୍ (ଅନ୍ନଦାତା) ଖୁଦାତାଲା ଅଟନ୍ତି। ଯେଉଁ ବ୍ୟକ୍ତି ତା ଉପରେ ଭରଷା କରିଥାଏ ସେ କଦାପି ରିଜକ୍‌ରୁ ବଂଚିତ ହୁଏନାହିଁ। ସେ ପ୍ରତ୍ୟେକ ପ୍ରକାର ଓ ପ୍ରତ୍ୟେକ ଜାଗାରୁ ନିଜ ଉପରେ ଭରଷା ରଖିଥିବା ବ୍ୟକ୍ତିଙ୍କ ନିମନ୍ତେ ରିଜିକ୍ ପହଂଚାଇଥାଏ। ଖୁଦାତାଲା କହୁଛନ୍ତି ଯେ ଯିଏ ମୋ ଉପରେ ଭରଷା କରେ ଓ ସମ୍ପୂର୍ଣ୍ଣ ଆସ୍ଥା ରଖେ ମୁଁ ତା ପାଇଁ ଆକାଶରୁ (ରିଜିକ୍) ବର୍ଷା କରାଇଥାଏ ଏବଂ ପାଦ ତଳୁ ମଧ୍ୟ ବାହାର କରିଥାଏ। ତେଣୁ ପ୍ରତ୍ୟେକକୁ ଦରକାର ଯେ ସେ ଖୁଦାତାଲାଙ୍କ ଉପରେ ଭରଷା କରୁ''। (ମଲ୍‌ଫୁଜାତ୍ ଖଣ୍ଡ-୯, ପୃଷ୍ଠା-୩୬୦)

''ଯେଉଁ ବ୍ୟକ୍ତି.....ଆବଶ୍ୟକ ସମୟରେ ଧନ ଖର୍ଚ୍ଚ କରିବ ମୁଁ ଭାବୁନାହିଁ ଯେ ଖର୍ଚ୍ଚ କରିବା ଦ୍ୱାରା ତା ଧନରୁ କିଛି ସରିଯିବ ବରଂ ତା ଧନ ସମ୍ପତିରେ ବର୍‌କତ୍ ହେବ। ତେଣୁ ଆବଶ୍ୟକ ଅଟେ ଯେ ଖୁଦାତାଲାଙ୍କ ଉପରେ ଭରଷା ରଖି ପୁରା ନିଷ୍ଠାର ସହିତ ଓ ଉତ୍ସାହ ଓ ସାହସ ଦେଖାଇ କାମ କରନ୍ତୁ ଯେ ଏହି ସମୟ ଉପଯୁକ୍ତ ସେବାର ସମୟ ଅଟେ। ପୁଣି ଏହାପରେ ଏପରି ସମୟ ଆସିବ ଯଦି ଗୋଟିଏ ସୁନାର ପାହାଡ଼ ଏହି ମାର୍ଗରେ ଖର୍ଚ୍ଚ କରିବ ତେବେ ମଧ୍ୟ ସେ ସମୟର ପଇସା ସହିତ ମଧ୍ୟ ହେବନାହିଁ।......ଏବଂ ଖୁଦାତାଲା ବାରମ୍ବାର ପ୍ରକାଶ କରିଛନ୍ତି ଯେ ପ୍ରକୃତରେ ଓ ବାସ୍ତବିକରୂପେ ସେହି ବ୍ୟକ୍ତି ଏହି ଯମାତ୍‌ରେ ଦାଖଲ ବୋଲି ବୁଝାଯିବ ଯିଏ ନିଜର ପ୍ରିୟ ଧନକୁ ଏହି ମାର୍ଗରେ ଖର୍ଚ୍ଚ କରିବ।

ଏହା ସ୍ପଷ୍ଟ ଯେ ତୁମେ ଦୁଇଟି ଜିନିଷ ସହିତ ପ୍ରେମ କରିପାରିବ ନାହିଁ। ଏହା ତୁମପାଖେ ଅସମ୍ଭବ ଯେ ତୁମେ ଧନ ସହିତ ବି ପ୍ରେମ କରିବ, ତତ୍‌ସହିତ ଖୁଦାଙ୍କ ସହିତ ମଧ୍ୟ। କେବଳ ଜଣଙ୍କ ସହିତ ପ୍ରେମ କରିପାରିବ। ତେଣୁ ସେହି ବ୍ୟକ୍ତି ସୌଭାଗ୍ୟଶାଳୀ ଅଟେ ଯିଏ ଖୁଦାଙ୍କ ସହିତ ପ୍ରେମ କରୁଅଛି। ଏବଂ ଯଦି କେହି ତୁମମାନଙ୍କ ମଧ୍ୟରୁ ଖୁଦାଙ୍କ ସହିତ ପ୍ରେମ କରି ତା ମାର୍ଗରେ ଧନ ଖର୍ଚ୍ଚ କରିବ ତେବେ ମୁଁ ବିଶ୍ୱାସ ରଖୁଛି ଯେ ତା ଧନ ସମ୍ପତିରେ ମଧ୍ୟ ଅନ୍ୟମାନଙ୍କ ଅପେକ୍ଷା ଅଧିକ ବର୍‌କତ୍ ଦିଆଯିବ। କାରଣ ଧନ ଆପେ ଆପେ ଆସେନାହିଁ। ବରଂ ଖୁଦାଙ୍କ ଇଚ୍ଛା ଦ୍ୱାରା ଆସିଥାଏ। ତେଣୁ ଯେଉଁ ବ୍ୟକ୍ତି ଖୁଦାଙ୍କ ନିମନ୍ତେ ଧନସମ୍ପତିରୁ କିଛି ଭାଗ ଛାଡ଼ିଥାଏ ସେ ନିଶ୍ଚିତ ରୂପେ ତାକୁ ପାଇବ। କିନ୍ତୁ ଯେଉଁ ବ୍ୟକ୍ତି ଧନ ସହିତ ପ୍ରେମ କରି ଖୁଦାଙ୍କ ମାର୍ଗରେ ସେହି ସେବା କରେନାହିଁ ଯାହାକୁ କରିବାର ଉଚିତ୍ ଥିଲା, ତେବେ ସେ ନିଶ୍ଚିତ ରୂପେ ସେହି ଧନକୁ ହାତଛଡ଼ା କରିବ।

ଏପରି ଭାବନାହିଁ ଯେ ଧନ ତୁମର ଚେଷ୍ଟା ଦ୍ୱାରା ଆସିଥାଏ ବରଂ ଖୁଦାତାଲାଙ୍କ ତରଫରୁ ଆସିଥାଏ। ଏବଂ ଏହା ମଧ୍ୟ ଭାବନାହିଁ ଯେ ତୁମେ ଧନର କିଛି ଅଂଶ ବା ଅନ୍ୟ କୌଣସି ଉପାୟରେ ସେବା କରି ଖୁଦାତାଲା ଏବଂ ତାର ଦୂତ ଉପରେ କୌଣସି ପ୍ରକାର ଅନୁଗ୍ରହ କରୁଅଛ। ବରଂ ଏହା ତାର ଅନୁଗ୍ରହ ଯେ ତୁମକୁ ଏହି ସେବା ନିମନ୍ତେ ଡାକୁଅଛି।.... ମୁଁ ବାରମ୍ବାର ତୁମକୁ କହୁଅଛି ଯେ ଖୁଦାତାଲା ତୁମ ସେବାର ଅଣୁ ମାତ୍ର ଆଶ୍ରିତ ନୁହେଁ। ହଁ ତୁମ ଉପରେ ତାର କୃପା ଯେ ତୁମକୁ ସେବା କରିବାର ମୌକା ଦେଉଅଛି''। (ମଜମୁଆ ଇସ୍ତେହାରାତ୍, ଖଣ୍ଡ-୩, ପୃଷ୍ଠା-୪୯୭-୪୯୮)

''ମୁଁ ନିଶ୍ଚିତ ରୂପେ ଜାଣୁଅଛି ଯେ କଂଜୁସି ଓ ଇମାନ୍ ଗୋଟିଏ ହୃଦୟରେ ଏକତ୍ରିତ ହୋଇପାରିବ ନାହିଁ। ଯେଉଁ ବ୍ୟକ୍ତି ସତ୍ ହୃଦୟ ସହିତ ଖୁଦାତାଲାଙ୍କ ଉପରେ ବିଶ୍ୱାସ ଆଣେ ସେ ସେହି ଧନକୁ କେବଳ ନିଜର ଧନ ଭାବେନାହିଁ ଯାହା ତା ସିନ୍ଦୁକ ଭିତରେ ବନ୍ଦ ଅଛି ବରଂ ସେ ଖୁଦାତାଲାଙ୍କ ସମସ୍ତ ଧନକୁ ନିଜର ଧନ ବୋଲି ଭାବେ।.... ଯଦି ତୁମେ କୌଣସି ପୁଣ୍ୟ କାମ କରିବ ଏବଂ ସେହି ସମୟରେ କୌଣସି ସେବା କରିବ ତେବେ ତୁମେ ତୁମ ଇମାନ୍‌ଦାରି ଉପରେ ମୋହର୍ ଲଗାଇବ। ଫଳତଃ ତୁମର ବୟସ ବଢ଼ିଯିବ ଓ ତୁମର ଧନ ସମ୍ପତିରେ ବର୍‌କତ୍ ଦିଆଯିବ''। (ମଜମୁଆ ଇସ୍ତେହାରାତ୍ ଖଣ୍ଡ-୩, ପୃଷ୍ଠା-୪୯୮)

''ଆମ ନିକଟରେ ସବୁଠାରୁ ବଡ଼ ଆବଶ୍ୟକ ଆଜି ଇସଲାମ୍‌ର ଜୀବନ ଅଟେ। ଇସ୍‌ଲାମ୍ ପ୍ରତ୍ୟେକ ପ୍ରକାର ସେବାର ଆଶ୍ରିତ। ତା ଆବଶ୍ୟକତା ଉପରେ ଆମ୍ଭେ କୌଣସି ଆବଶ୍ୟକତାକୁ ଅଗ୍ରାଧିକାର ଦେଇପାରିବା ନାହିଁ।... ବର୍ତମାନ ସବୁଠାରୁ ବଡ଼ ଆବଶ୍ୟକ ଏହା ହେଉଛି, ଯେପର୍ଯ୍ୟନ୍ତ ସମ୍ଭବ ହେଉଛି (ପାରୁପର୍ଯ୍ୟନ୍ତ) ଇସ୍‌ଲାମ୍‌ର ସେବା କରାଯାଉ। ଯେତେଟଙ୍କା ଅଛି ସେ ସବୁ ଇସ୍‌ଲାମ୍‌କୁ ଜୀବିତ କରିବା ପାଇଁ ଖର୍ଚ୍ଚ କରାଯାଉ''। (ମଲ୍‌ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୩୨୭)

''ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜକୁ ବୟତକାରୀଙ୍କ ମଧ୍ୟରେ ଦାଖଲ ବୋଲି ଭାବୁଛି ତା ପାଇଁ ବର୍ତମାନ ଉପଯୁକ୍ତ ସମୟଯେ ସେ ନିଜ ଧନଠାରୁ ବଳି ମଧ୍ୟ ଏହି ସିଲ୍‌ସିଲାର ସେବା କରୁ।.... ପ୍ରତ୍ୟେକ ବୟତକାରୀଙ୍କୁ ନିଜ ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରିବା ଉଚିତ୍। ଫଳତଃ ଖୁଦାତାଲା ମଧ୍ୟ ତାଙ୍କୁ ସାହାଯ୍ୟ କରିବେ। ପ୍ରତ୍ୟେକ ବ୍ୟକ୍ତିର ନିଷ୍ଠାକୁ ତା ସେବା ଦ୍ୱାରା ହିଁ ଜାଣିହୁଏ। ହେ ପ୍ରିୟ ଲୋକମାନେ! ଏହା ଦୀନ୍ ପାଇଁ ଓ ଦୀନ୍‌ର ଆବଶ୍ୟକ ନିମନ୍ତେ ସେବା କରିବାର ସମୟ ଅଟେ। ଏ ସମୟକୁ ମୂଲ୍ୟବାନ୍ ବୋଲି ଭାବ ଯେ ଏ ସମୟ ଆଉ (ପୁନର୍ବାର) ଆସିବ ନାହିଁ''। (କଶ୍‌ତି ନୂହ୍ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୮୩)

''ଧନ ସହିତ ପ୍ରେମ କରନାହିଁ କାରଣ ସେ ସମୟ ଆସୁଛି ଯଦି ତୁମେ ଧନକୁ ନ ଛାଡ଼ିବ ତେବେ ସେ ତୁମକୁ ଛାଡ଼ିଦେବ''। (ମଜମୁଆ ଇସ୍ତେହାରାତ୍ ଖଣ୍ଡ-୩, ପୃଷ୍ଠା-୩୧୮)

ଗୋଟିଏ ପୁର୍ଣ୍ଣ ଉପଦେଶ:- ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି:-

''ଏ ଯୁଗ ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗ ଅଟେ ଏଥିରେ ଗୋଟିଏ ଜିହାଦ୍, ମାଲି କୁର୍‌ବାନୀର ଜିହାଦ୍ ମଧ୍ୟ ଅଛି। କାରଣ ତା ବିନା ନା ଇସଲାମ୍‌ର ପ୍ରତିରକ୍ଷା ନିମନ୍ତେ ଲିଟ୍‌ରେଚର୍ ପ୍ରକାଶ ହୋଇପାରିବ ନା ପବିତ୍ର କୋରାନ୍‌କୁ ବିଭିନ୍ନ ଭାଷାରେ ଅନୁବାଦ କରାଯାଇପାରିବ, ନା ଏହି ଅନୁବାଦକୁ ଦୁନିଆର କୋଣ ଅନୁକୋଣରେ ପହଂଚାଇ ଦିଆଯାଇପାରିବ, ନା ମିଶନ୍ ଖୋଲା ଯାଇପାରିବ, ନା ମୁରବୀ ନା ମୋବୋଲିଗ୍ ନା ପ୍ରସ୍ତୁତ ହୋଇପାରିବେ ଏବଂ ନା ମୁରବୀ ଓ ମୋବୋଲିଗ୍‌ମାନଙ୍କୁ ଯମାତ୍ ଗୁଡିକୁ ପ୍ରେରଣ କରାଯାଇପାରିବ। ନା ମସ୍‌ଜିଦ୍ ନିର୍ମାଣ ହୋଇପାରିବ ନା ସ୍କୁଲ୍ ଓ କଲେଜ୍ ମାଧ୍ୟମରେ ଗରିବ ଲୋକମାନଙ୍କ ପର୍ଯ୍ୟନ୍ତ ଶିକ୍ଷାକୁ ପହଂଚାଇ ଦିଆଯାଇପାରିବ ନା ଚିକିତ୍ସାଳୟ ଜରିଆରେ ଦୁଃଖୀ ଦରିଦ୍ରଙ୍କ ସେବା କରାଯାଇପାରିବ। ତେଣୁ ଯେପର୍ଯ୍ୟନ୍ତ ଦୁନିଆର କୋଣ ଅନୁକୋଣ ପର୍ଯ୍ୟନ୍ତ ଏବଂ ପ୍ରତ୍ୟେକ କୋଣର ପ୍ରତ୍ୟେକ ବ୍ୟକ୍ତି ପର୍ଯ୍ୟନ୍ତ ଇସଲାମ୍‌ର ବାର୍ତା ନ ପହଂଚାଇ ଦିଆଯାଇଛି ଏବଂ ଯେପର୍ଯ୍ୟନ୍ତ ଗରିବଙ୍କ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ରୂପେ ପୁରା ନ କରାଯାଇଛି ସେ ପର୍ଯ୍ୟନ୍ତ ଏହି ମାଲି ଜେହାଦ୍ ଜାରି ରହିବ ଓ ନିଜ ନିଜର ସାମର୍ଥ୍ୟ ଓ ସମ୍ପନ୍ନତା ଅନୁସାରେ ପ୍ରତ୍ୟେକ ଅହେମଦୀଙ୍କୁ ଏଥିରେ ସାମିଲ୍ ହେବା ଧାର୍ଯ୍ୟ ଅଟେ। (ଖୁତ୍‌ବା ଜୁମା ୩୧ ମାର୍ଚ୍ଚ ୨୦୦୬, ପ୍ରକାଶିତ- ଅଲ୍‌ଫଜଲ ଲଣ୍ଡନ୍, ୨୧ ଏପ୍ରିଲ୍ ୨୦୦୬, ପୃଷ୍ଠା-୬

କ୍ରମଶଃ....

# ଖୁତ୍‌ବା ଜୁମା

✱ହୁଜୁର ଅନଓ୍ୱର ଅ:ବ କହିଲେ- ଆଜି ଆମେ ଏଠାରେ ଜଲସାରେ ଅଂଶ ଗ୍ରହଣ କରିବା ନିମନ୍ତେ ଏକତ୍ର ହୋଇଛେ । ଯେପରି କି ପ୍ରତ୍ୟେକ ଅହେମଦି ଜାଣନ୍ତି ଆମ୍ଭର ଏଠାରେ ଏକତ୍ର ହେବା କୌଣସି ସାଂସାରିକ ଉଦ୍ଦେଶ୍ୟ ପୂରଣ କିମ୍ବା ହୋ ହାଲ୍ଲା କରିବା ପାଇଁ ନୁହେଁ ବରଂ ଏଥିପାଇଁ କି ଜଲସାର କାର୍ଯ୍ୟକ୍ରମରେ ସାମିଲ୍ ହେବା ସହିତ ଏକ ଆଧାତ୍ମିକ ପରିବେଶରେ ରହି ନିଜ ଆଧାତ୍ମିକ (ସ୍ତର)ରେ ଅଭିବୃଦ୍ଧି କରିବା ଏବଂ ନିଜ ଜ୍ଞାନ ଓ ସାମର୍ଥ୍ୟକୁ ବଢାଇବା ଅଟେ ।

✱ହଜରତ ମସିହ ମଉଦ ଆ.ସ କୁହନ୍ତି- ଯେଉଁ ବ୍ୟକ୍ତି ସତ୍ୟ ଓ ତ୍ରୁଟିହୀନ ଆସ୍ଥା ରଖିଥାଏ ତଥା ଅଲ୍ଲାଃଙ୍କ ସହ କାହାରିକୁ ସମତୁଲ୍ୟ କରିନଥାଏ ତେବେ ତାହା ଦ୍ୱାରା ସ୍ୱୟଂ ହିଁ ଉତମ କର୍ମ ସମ୍ପାଦିତ ହୋଇଥାଏ ।

✱ହଜୁର ଅନଓ୍ୱର ଅ.ବ କହିଲେ- ଆମେ ଦେଖୁଅଛେ ବର୍ତ୍ତମାନ ପୃଥିବୀର ବଡ଼ ବଡ଼ ପ୍ରଶାସକମାନେ ସାଂସାରିକ ଶକ୍ତିଗୁଡ଼ିକୁ (ନିଜର) ଈଶ୍ୱର ମଣିନେଲେଣି ଏବଂ ସେମାନେ ଉକ୍ତ ଶକ୍ତିଗୁଡ଼ିକ ସମ୍ମୁଖରେ ନଇଁ ପଡୁଛନ୍ତି ଏବଂ ଏହା ଆଜି ଆମ୍ଭକୁ ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ମିଳୁଅଛି ।

✱ହଜରତ ମସିହ ମଉଦ ଆ.ସ କୁହନ୍ତି- ଏହି ଜମାଅତର ପ୍ରତିଷ୍ଠା କରିବାରେ ଉଦ୍ଦେଶ୍ୟ ଅଲ୍ଲାଃତାଲାଙ୍କୁ ଚିହ୍ନିବା ଏବଂ ଦୁଆ ଓ ଉପାସନାର ସତ୍ୟାସତ୍ୟ ମୂଳକ ଜ୍ଞାନ (ହାସଲ କରିବା) ଅଟେ । ଆପଣ କୁହନ୍ତି ଯେ ଦୁଆ କରେ କିନ୍ତୁ ଚେଷ୍ଟା କରେ ନାହିଁ ସେ ଭୂଲ୍ କରିଥାଏ । ସେହିପରି ଯେ (କେବଳ) ଚେଷ୍ଟା କରିବାକୁ ଯଥେଷ୍ଟ ମଣିଥାଏ । ସେ ନାସ୍ତିକ ଅଟେ କିନ୍ତୁ ଦୁଆ ଓ ଚେଷ୍ଟା ଉଭୟକୁ ଏକତ୍ରିତ କରିବା ଇସଲାମ ଅଟେ ।

✱ହଜରତ ମସିହ ମଉଦ ଆ.ସ କୁହନ୍ତି- ପାପ ଓ ଅମନଯୋଗରୁ ରକ୍ଷା ପାଇବା ନିମନ୍ତେ ଏଭଳି ଯୋଜନା କର ଯେପରି ଯୋଜନା କରିବା ଉଚିତ୍ ଏବଂ ଏଭଳି ଦୁଆ କର ଯେମିତି ଦୁଆ କରିବା ଉଚିତ୍ । ଏଥିପାଇଁ ପବିତ୍ର କୋରାନର ପ୍ରଥମ ଅଧ୍ୟାୟ ସୁରେ ଫାତିହାରେ ଏହି ଦୁଇଟି କଥା ସମ୍ବନ୍ଧରେ କୁହାଯାଇଛି କି ଯେତେବେଳେ ମୋମିନ୍ **ଇୟାକାନାବୁଦୁ** କହିଥାଏ କି ଆମ୍ଭେ ତୁମ୍ଭର ହିଁ ଉପାସନା କରୁଅଛୁ । ଏଥି ସଙ୍ଗେସଙ୍ଗେ ତାହା ହୃଦୟରେ ଏହା ଉଙ୍କିମାରିଥାଏ କି ମୋର ଅସ୍ତିତ୍ୱ ବା କ'ଣ ଯେ ମୁଁ ଅଲ୍ଲାଃଙ୍କ ଉପାସନା କରିପାରିବି ଯେପର୍ଯ୍ୟନ୍ତ କି ମୋତେ ତାହାର କୃପା ଓ ଦୟା ଲାଭ ହୋଇ ନାହିଁ । ତେଣୁ ଆଗକୁ କୁହାଗଲା କି **ଓ୍ୱଇୟାକାନସ୍ତୟିନ୍** ଅର୍ଥାତ ଏଥିପାଇଁ ସାହାଯ୍ୟ ମଧ ତୁମ୍ଭଠାରୁ ଭିକ୍ଷା କରୁଅଛି । ଏହା ଏକ ଅତି ସୁକ୍ଷ୍ମ ମାମଲା ଯାହାକୁ ଇସଲାମ ବ୍ୟତୀତ ଅନ୍ୟ କୌଣସି ଧର୍ମ ବୁଝି ନାହିଁ ।

✱ହଜରତ ମସିହ ମଉଦ ଆ.ସ କୁହନ୍ତି- ସମସ୍ତେ ମନେରଖନ୍ତୁ ରୀତି ପରମ୍ପରା ପରି ବୟତ କରି ଜମାଅତର ଅନ୍ତର୍ଭୁକ୍ତ ହେବା କିମ୍ବା ମୋତେ ଇମାମ ସ୍ୱୀକାର କରିବା ମୋକ୍ଷ ପ୍ରାପ୍ତି ନିମନ୍ତେ କଦାପି ଯଥେଷ୍ଟ ନୁହେଁ କାରଣ ଅଲ୍ଲାଃତାଲା ହୃଦୟକୁ ଦେଖିଥାନ୍ତି, ନା କି ମୁହଁର କଥାକୁ । ଆପଣ କୁହନ୍ତି ମୋକ୍ଷ ପ୍ରାପ୍ତ କରିବାକୁ ହେଲେ ଯେପରିକି ଅଲ୍ଲାଃ ବାରମ୍ବାର କହିଛନ୍ତି- ଏଥିପାଇଁ ଆବଶ୍ୟକ କି ପ୍ରଥମେ ସ୍ୱଚ୍ଛ ହୃଦୟର ସହିତ ଅଲ୍ଲାଃତାଲାଙ୍କୁ ଏକ ଓ ଅଦ୍ୱିତୀୟ ତଥା ହଜରତ ମହମ୍ମଦ ସ.ଆଙ୍କୁ ସଚ୍ଚୋଟ ନବୀ ବିଶ୍ୱାସ କର । ପବିତ୍ର କୋରାନକୁ ଅଲ୍ଲାଃଙ୍କ ପୁସ୍ତକ ସ୍ୱୀକାର କରିବା ସହିତ ଏଭଳି ପୁସ୍ତକ ଓ ଶରିୟତ କୟାମତ୍ ପର୍ଯ୍ୟନ୍ତ ଆସିବାର ନାହିଁ (ବୋଲି) ବିଶ୍ୱାସ ରଖ ।

✱ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଯେତେବେଳେ ଆପଣଙ୍କ ଆଗମନର ଉଦ୍ଦେଶ୍ୟ ଅଲ୍ଲାଃତାଲାଙ୍କ ସହ ପ୍ରକୃତ ସମ୍ପର୍କ ସ୍ଥାପନ କରିବା, ହଜରତ ମହମ୍ମଦ ସ.ଆଙ୍କ ଶ୍ରେଷ୍ଠତାକୁ ଚିହ୍ନିବା, ପବିତ୍ର କୋରାନର ଆଦେଶ ଅନୁଯାୟୀ ସ୍ୱୟଂ ଅମଲ କରିବା ଅଟେ ତେବେ ଆମେ ଯେ କି ଆପଣଙ୍କ ଅନୁଗାମୀ, ନିଜର ଆସ୍ଥା ଓ ଅମଲର ସଂଶୋଧନ ମଧ ତଦନୁଯାୟୀ କରିବା ଉଚିତ୍ ।

✱ହଜରତ ମସିହ ମଉଦ ଆ.ସ କୁହନ୍ତି- ନମାଜକୁ ସେତେବେଳେ ପ୍ରକୃତ ନମାଜ କୁହାଯାଏ ଯେତେବେଳେ ଅଲ୍ଲାଃଙ୍କ ସହ ସଚ୍ଚୋଟ ଓ ପବିତ୍ର ସମ୍ପର୍କ ଯୋଡ଼ାଯାଏ ଏବଂ ଅଲ୍ଲାଃଙ୍କ ପ୍ରୀତିଭାଜନ ଓ ଆଜ୍ଞାବହ ହେବାରେ ଏପରି ସମର୍ପି ଦେବା ଓ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବାରେ ଅଲ୍ଲାଃଙ୍କ ମାର୍ଗରେ ନିଜ ଜୀବନ ଉତ୍ସର୍ଗ କରିଦେବା କି ନିଜ ପ୍ରାଣର ଆହୁତି ଦେବା ପାଇଁ ମଧ ପ୍ରସ୍ତୁତ ହୋଇଯିବା ।

✱ପୁଣି ପ୍ରକୃତ ପୁଣ୍ୟ କର୍ମ କ'ଣ ଅଟେ । ଏଥିସମ୍ବନ୍ଧରେ ହଜୁର ଆ.ସ କୁହନ୍ତି- ଈଶ୍ୱର ଭୟ ଅର୍ଥ ଅପକର୍ମର ସୁକ୍ଷ୍ମ ମାର୍ଗରୁ ନିବୃତ ରହିବା କିନ୍ତୁ ମନେରଖ ପୁଣ୍ୟ କର୍ମ ଏତିକି ନୁହେଁ କି ଜଣେ କହି ଦେବ କି ମୁଁ ପୁଣ୍ୟବନ୍ତ ଅଟେ । ଏଥିପାଇଁ କି ମୁଁ କାହାରି ଧନ ଆତ୍ମସାତ କରି ନାହିଁ, ଚୋରି କରି ନାହିଁ, ଖରାପ ଦୃଷ୍ଟିରେ କାହାରିକୁ ଦେଖି ନାହିଁ, କୁକର୍ମ କରି ନାହିଁ । ଆପଣ କୁହନ୍ତି ଏପରି ପୁଣ୍ୟକର୍ମ ଜ୍ଞାନବନ୍ତଙ୍କ ନିକଟରେ ହାସ୍ୟସ୍ପଦ ଅଟେ ।

✱ବଡ଼ ବଡ଼ ଅପକର୍ମ ମଧରେ ଗୋଟିଏ ମିଥ୍ୟା ବଚନ ଅଟେ । ଏଥିରୁ ନିବୃତ ରହିବା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି ମୁଁ ପବିତ୍ର କୋରାନର ଅନୁଧ୍ୟାନ କଲି କି ସେଥିରେ ସହସ୍ର ଆଦେଶ ରହିଛି, ଯାହାର ପାଳନ କରାଯାଉ ନାହିଁ । ଛୋଟ ଛୋଟ କଥାରେ ଉକ୍ତ ଆଦେଶାବଳୀର ଉଲଙ୍ଘନ କରାଯାଉଛି । ପୁଣି ଏପରିକି ଦେଖିବାକୁ ମିଳିଥାଏ କି କେତେକ ମିଥ୍ୟା ଦୋକାନୀମାନେ କହିଥାନ୍ତି ଯାହାକି ବେଶ୍ ମନଗଢା ଅଟେ । ଯେତେବେଳେ କି ଅଲ୍ଲାଃତାଲା ଏହାକୁ ରିଜିସ୍ (ଖରାପ)ର ଅନ୍ତର୍ଭୁକ୍ତ କରିଛନ୍ତି ।

✱ଅଲ୍ଲାଃତାଲା ଆମ୍ଭକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ଏହି ସ୍ତର ହାସଲକାରୀ ହେଉ ଓ ହଜରତ ମସିହ ମଉଦ ଆ.ସଙ୍କ ବୟତ କରିବା ପରେ ଆପଣଙ୍କ ଆଗମନର ଉଦ୍ଦେଶ୍ୟକୁ ବୁଝି ତାହାକୁ ପୂରଣ କରିବା ନିମନ୍ତେ ନିଜର ସମସ୍ତ ସାମର୍ଥ୍ୟ ଓ ଶକ୍ତି ବିନିଯୋଗ କରିବା ସହିତ ଏଥିସମ୍ବନ୍ଧରେ ବିଶ୍ୱବାସୀଙ୍କୁ ସଚେତନ କରିବା ଉଚିତ୍ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]

## (ପ୍ରଦତ୍ତ: ୨୫ ଅଗଷ୍ଟ ୨୦୧୭ ଅନୁଯାୟୀ ୨୫ ଜହୁର୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ ـ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ଆଜି ଆମେ ଏଠାରେ ଜଲସାରେ ଅଂଶ ଗ୍ରହଣ କରିବା ନିମନ୍ତେ ଏକତ୍ର ହୋଇଛେ । ଯେପରି କି ପ୍ରତ୍ୟେକ ଅହେମଦି ଜାଣନ୍ତି ଆମ୍ଭର ଏଠାରେ ଏକତ୍ର ହେବା କୌଣସି ସାଂସାରିକ ଉଦ୍ଦେଶ୍ୟ ପୂରଣ କିମ୍ବା ହୋ ହାଲ୍ଲା କରିବା ପାଇଁ ନୁହେଁ ବରଂ ଏଥିପାଇଁ କି ଜଲସାର କାର୍ଯ୍ୟକ୍ରମରେ ସାମିଲ୍ ହେବା ସହିତ ଏକ ଆଧାତ୍ମିକ ପରିବେଶରେ ରହି ନିଜ ଆଧାତ୍ମିକ (ସ୍ତର)ରେ ଅଭିବୃଦ୍ଧି କରିବା ଏବଂ ନିଜ ଜ୍ଞାନ ଓ ସାମର୍ଥ୍ୟକୁ ବଢାଇବା ଅଟେ । ବିଶ୍ୱାସ ଓ ଅମଲ କ୍ଷେତ୍ରରେ ଉନ୍ନତି କରିବା ସହିତ ଈଶ୍ୱର ଭୟ ରଖି ଅଲ୍ଲାଃତାଲା ଓ ତାଙ୍କ ଭକ୍ତଙ୍କର କର୍ତ୍ତବ୍ୟ ସମ୍ପାଦନ କରନ୍ତୁ । କୌଣସି ଅଣ ଅହେମଦୀ

ବୋଧେ ଏହା କହିପାରେ ଯେ ଆମକୁ ଏ ବିଷୟରେ କିଛି ଜଣା ନାହିଁ ଯେ ଅଲ୍ଲାଃତାଲାଙ୍କର କଣ ହକ୍ ଓ ତା ଭକ୍ତଙ୍କର କଣ ହକ୍ ଅଛି ବୋଲି । କିନ୍ତୁ ଜଣେ ଅହେମଦୀ ଏପରି କହିପାରିବ ନାହିଁ । ତା ସମ୍ମୁଖରେ ତ ବାରମ୍ବାର ଏ ବିଷୟ ଚର୍ଚ୍ଚା ହେଉଛି । ଆମ ଉପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କର ବହୁତ ବଡ଼ ଏହ୍‌ସାନ୍ ହେଉଛି ଯେ ଆପଣ ଆମକୁ ଏହି ବିଷୟରେ ଏତେବଡ଼ ଭଣ୍ଡାର ଦେଇଛନ୍ତି ଯେ ଯାହା କେବେ ଶେଷ ହେବନାହିଁ । ବେଳେବେଳେ ମଣିଷ ଭାବୁଥାଏ ଗୋଟିଏ କଥା ମୁଁ ପ୍ରଥମରୁ ପଢ଼ିଛି ଓ ଶୁଣିଛି । ଯେତେବେଳେ ସେ ପୁନର୍ବାର ସେ ଶୁଣେ ବା ପଢ଼େ ତେବେ କୌଣସି ନା କୌଣସି ନୂଆ ଟିପ୍ପଣି ବା ନୂଆ ମାର୍ଗ ତା ସମ୍ମୁଖରେ ଆସିଯାଏ । ଏବଂ ପୁଣି ଜଣେ ଅହେମଦୀ ଯିଏ ବୟତ୍ କରି ସାମିଲ୍ ହୋଇଛି ତା ପାଇଁ ଶରାୟତ୍ ବୟତ୍‌ରେ ଆପଣ ଆ:ସ ସେହି ହୁକୁକ୍ (ଅଧିକାର ଗୁଡିକୁ) ଏବଂ ଆମର କର୍ତବ୍ୟ ଗୁଡିକ ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି । ସୁତରାଂ ନିଜର ଏହି ଉଦ୍ଦେଶ୍ୟକୁ ସଦାସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ, ଏହି ଜଲସାରେ ସାମିଲ୍ ହେବାର ଆମର ଉଦ୍ଦେଶ୍ୟ କ'ଣ ?

ବର୍ତମାନ ମୁଁ ହଜରତ ମସିହ ମଉଦ ଆ.ସଙ୍କର କିଛି ମନ୍ତବ୍ୟ ଉପସ୍ଥାପନ କରୁଅଛି । ବିଶ୍ୱାସ ଓ ଆସ୍ଥାର ପ୍ରଭାବ ମଣିଷର ଦୈନନ୍ଦିନ ଜୀବନରେ ମଧ ପଡ଼ିଥାଏ, ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି ଇସଲାମର ଦୁଇଟି ଭାଗ ରହିଛି **ପ୍ରଥମ** ଅଲ୍ଲାଃଙ୍କ ସହ କାହାରିକୁ ସମତୁଲ୍ୟ (ଶିରକ୍) କରିବା ନାହିଁ । ତାଙ୍କର ଦୟା ବଦଳରେ ତାଙ୍କର ପୂର୍ଣ୍ଣ ଆଜ୍ଞାବହ ହେବା । ଖୁଦାତାଲାଙ୍କ ପରି ମୋହସିନ୍ (ଦୟାଳୁ) ଓ ମୁରବୀ (ପାଳନକର୍ତା)ଙ୍କ ଠାରୁ ଯିଏ ମୁହଁ ଫେରାଇ ନିଏ ସେ ହେଉଛି ସଇତାନ୍ । ଯିଏ ଅଲ୍ଲାଃତାଲାଙ୍କର କଥା ଶୁଣିନାହିଁ ଓ ତା କଥାନୁସାରେ ସମ୍ପୂର୍ଣ୍ଣ ରୂପେ ପରିଚାଳିତ ହୁଏନାହିଁ ସେ ରହେମାନ୍‌ର ଭକ୍ତ ହୋଇପାରିବ ନାହିଁ । ସେ ତ ସଇତାନ୍‌ର ଭକ୍ତ ହେବ । **ଦ୍ୱିତୀୟରେ** ସୃଷ୍ଟି ପ୍ରତି ନିଜ କର୍ତବ୍ୟକୁ ସଠିକ୍ ରୂପେ ବୁଝି ତାହାର ସମ୍ପାଦନ କରିବା । କହିଲେ ଯେ ଯେଉଁ କୌମ୍ ଗୁଡିକ ବଡ଼ ବଡ଼ ପାପ ଯେପରି ଜନା (ଅବୈଧ ସମ୍ପର୍କ), ଚୋରି, ଗିବତ୍ (ଚୁଗୁଲି), ମିଛ ଇତ୍ୟାଦିରେ ଲିପ୍ତ ହୋଇଗଲେ, ପରିଶେଷରେ ସେ ସେମାନେ ହଲାକ୍ ହୋଇଗଲେ । ଏବଂ କିଛି କୌମ୍ କେବଳ ଗୋଟିଏ ଗୋଟିଏ ପାପରେ ଲିପ୍ତ ହୋଇ ମଧ ନିଃଶେଷ ହୋଇଯାଇଛନ୍ତି କିନ୍ତୁ ବାସ୍ତବରେ ଏ ଏହି ଉମ୍ମତ ମର୍‌ହୁମା ଅଟେ (ମୁସଲ୍‌ମାନ ମାନଙ୍କ ଉପରେ ଅଲ୍ଲାଃତାଲାଙ୍କର ବିଶେଷ ଦୃଷ୍ଟି ଅଛି) ତେଣୁ ଅଲ୍ଲାଃତାଲା ସେମାନଙ୍କୁ ହଲାକ୍ କରୁନାହିଁ ନଚେତ୍ ଏପରି କୌଣସି ପାପ ନାହିଁ ଯାହାକୁ ସେମାନେ କରୁନାହାଁନ୍ତି । ଏପରି କୌଣସି କୁକର୍ମ ନାହିଁ ଆଜିକାଲି ଯାହାକୁ ମୁସଲ୍‌ମାନ ମାନେ ନ କରୁଛନ୍ତି । ଆପଣ କହୁଛନ୍ତି ଯେ ପ୍ରତ୍ୟେକ ଅଲଗା ଅଲଗା ଠାକୁର ବନାଇ ସାରିଛନ୍ତି । ଗୋଟିଏ ଠାକୁର ନୁହେଁ । ସାଂସାରିକ ମାୟା ମୋହରେ ପଡ଼ିଯାଇଛନ୍ତି ଏବଂ ସଂସାରକୁ ନିଜର ପ୍ରଭୁ ବନାଇଦେଲେଣି । ଅର୍ଥାତ୍ ସାଂସାରିକ ବ୍ୟକ୍ତିମାନଙ୍କୁ ନିଜର ପ୍ରଭୁ ବନାଇ ସାରିଛନ୍ତି ।

ହଜରତ ମସିହ ମଉଦ ଆ.ସ କୁହନ୍ତି– ଯେଉଁ ବ୍ୟକ୍ତି ସତ୍ୟ ଓ ତ୍ରୁଟିହୀନ ଆସ୍ଥା ରଖିଥାଏ ତଥା ଅଲ୍ଲାଃଙ୍କ ସହ କାହାରିକୁ ସମତୁଲ୍ୟ କରିନଥାଏ ତେବେ ତାହା ଦ୍ୱାରା ସ୍ୱୟଂ ହିଁ ଉତମ କର୍ମ ସମ୍ପାଦିତ ହୋଇଥାଏ । ଏହି କାରଣରୁ ଯେତେବେଳେ ମୁସଲମାନମାନେ ପ୍ରକୃତ ବିଶ୍ୱାସ ଓ ଆସ୍ଥାକୁ ହାତଛଡ଼ା କଲେ ସେତେବେଳେ ସେମାନେ ଦଜ୍ଜାଲ୍ ଆଦିକୁ ଅଲ୍ଲାଃ ମଣିନେଲେ ।

ହଜୁର ଅନୱର ଅ.ବ କହିଲେ– ଆମେ ଦେଖୁଅଛେ ବର୍ତମାନ ପୃଥିବୀର ବଡ଼ ବଡ଼ ପ୍ରଶାସକମାନେ ସାଂସାରିକ ଶକ୍ତିଗୁଡ଼ିକୁ (ନିଜର) ଈଶ୍ୱର ମଣିନେଲେଣି ଏବଂ ସେମାନେ ଉକ୍ତ ଶକ୍ତିଗୁଡ଼ିକ ସମ୍ମୁଖରେ ନଇଁ ପଡୁଛନ୍ତି ଏବଂ ଏହା ଆଜି ଆମ୍ଭକୁ ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ମିଳୁଅଛି । ସାଧାରଣ ମୁସଲମାନମାନଙ୍କଠାରୁ ଆରମ୍ଭ କରି ସେମାନଙ୍କ ପ୍ରଶାସକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଅବସ୍ଥା ଏହିପରି ଅଭିନ୍ନ । ହଜରତ ସମିହ ମଉଦ ଆ.ସ କହିଛନ୍ତି ଅଲ୍ଲାଃତାଲା ମୋତେ ବାରମ୍ବାର ଦର୍ଶାଇଛନ୍ତି **ଅଲ୍‌ଖୈରୁ କୁଲ୍ଲହୁ ଫିଲ୍ କୁରଆନ** ଅର୍ଥାତ ଅଲ୍ଲାଃଙ୍କ ଶିକ୍ଷା ଯାହା କି ପବିତ୍ର କୋରାନରେ ଦର୍ଶାଯାଇଛି ସମ୍ପୂର୍ଣ୍ଣ ସତ୍ୟ କି ସେ (ପ୍ରଭୁ) ଅଲ୍ଲାଃ ଏକ ଓ ଅଦ୍ୱିତୀୟ । ସମସ୍ତ ଉତମ ଓ ସୁନ୍ଦର ଶିକ୍ଷାର ସନ୍ଧାନ ପବିତ୍ର କୋରାନରେ କର । ଅଲ୍ଲାଃଙ୍କ ଉପାସନାକର, ତାଙ୍କ ଓ ତାଙ୍କ ଭକ୍ତଙ୍କ କର୍ତବ୍ୟ ସମ୍ପାଦନ କର । ସୁତରାଂ ଖୁଦାତାଲାଙ୍କୁ ଏକ ଓ ଅସମକକ୍ଷ ଜାଣିବା ଏବଂ ତାର ସମ୍ପୂର୍ଣ୍ଣ ରୂପେ କଥା ମାନିବା ଏବଂ ତାର ହକ୍‌କୁ ପ୍ରଦାନ କରିବା ପୁଣି ଏକଥାର ଆବଶ୍ୟକ ହେଉଛି ଯେ ତାର ଉପାସନାର ହକ୍ ମଧ ପ୍ରଦାନ କରାଯାଉ ।

ହଜରତ ମସିହ ମଉଦ ଆ.ସ କୁହନ୍ତି– ଏହି ଜମାଅତର ପ୍ରତିଷ୍ଠା କରିବାରେ ଉଦ୍ଦେଶ୍ୟ ଅଲ୍ଲାଃତାଲାଙ୍କୁ ଚିହ୍ନିବା । କାହିଁକି ଆମେ ଅହେମଦୀ ହୋଇଛେ, ଆମର କଣ ଉଦ୍ଦେଶ୍ୟ ଥିଲା । ଆପଣଙ୍କ ବୟତ୍‌ରେ ଦାଖିଲ୍ ହେବା ପାଇଁ କାହିଁକି ଆପଣ ଏ ସିଲ୍‌ସିଲା କାଏମ୍ କଲେ । କହିଲେ ଏହାଦ୍ୱାରା ଖୁଦାତାଲାଙ୍କର ପ୍ରକୃତ ଜ୍ଞାନ ହାସଲ୍ ହେବ । ଏବଂ ଦୁଆ ଓ ଉପାସନାର ସତ୍ୟାସତ୍ୟ ମୂଳକ ଜ୍ଞାନ (ହାସଲ କରିବା) ଅଟେ । ଆପଣ କୁହନ୍ତି ଯେ ଦୁଆ କରେ କିନ୍ତୁ ଚେଷ୍ଟା କରେ ନାହିଁ ସେ ଭୂଲ୍ କରିଥାଏ । ସେହିପରି ଯେ (କେବଳ) ଚେଷ୍ଟା କରିବାକୁ ଯଥେଷ୍ଟ ମଣିଥାଏ । ସେ ନାସ୍ତିକ ଅଟେ କିନ୍ତୁ ଦୁଆ ଓ ଚେଷ୍ଟା ଉଭୟକୁ ଏକତ୍ରିତ କରିବା ଇସଲାମ ଅଟେ । ଇସ୍‌ଲାମ୍‌ର ଶିକ୍ଷା କଣ ? ତାହା ହେଉଛି ତଦ୍‌ବିର୍ (ଉପାୟ ପାଂଚିବା) କରିବା ଓ ଚେଷ୍ଟା ମଧ କରିବା ଏବଂ ନିଜର ସବୁ ସାମର୍ଥ୍ୟ ସହିତ ନିଜର ସମସ୍ତ ଶକ୍ତିକୁ ବିନିଯୋଗ କରି ଯାହା କିଛି ତୁମେ ସାଂସାରିକ ଚେଷ୍ଟା କରିପାରୁଛ କର ତତ୍ ସହିତ ଦୁଆ ମଧ କର ଓ ଅଲ୍ଲାଃତାଲାଙ୍କ ନିକଟରେ ଅଧିଆ ପଡ଼ ଏବଂ ବହୁତ ଦୁଆ କର ଯେ ଏହି ତଦ୍‌ବିର୍ ର ଅସଲ ଫଳ ଖୁଦାତାଲା ଦେବେ । ଯଦି ଏପରି କଥା ହେଉଅଛି ତେବେ ଆପଣ କହିଲେ ଯେ ଏହା ଇସ୍‌ଲାମ୍ ଅଟେ । ହଜରତ ମସିହ ମଉଦ ଆ.ସ କୁହନ୍ତି– ପାପ ଓ ଅମନଯୋଗରୁ ରକ୍ଷା ପାଇବା ନିମନ୍ତେ ଏଭଳି ଯୋଜନା କର ଯେପରି ଯୋଜନା କରିବା ଉଚିତ୍ ଏବଂ ଏଭଳି ଦୁଆ କର ଯେମିତି ଦୁଆ କରିବା ଉଚିତ୍ । ଏଥିପାଇଁ ପବିତ୍ର କୋରାନର ପ୍ରଥମ ଅଧ୍ୟାୟ ସୁରେ ଫାତିହାରେ ଏହି ଦୁଇଟି କଥା ସମ୍ବନ୍ଧରେ କୁହାଯାଇଛି କି ଯେତେବେଳେ ମୋମିନ୍ **ଇୟାକାନାବୁଦୁ** କହିଥାଏ କି ଆମ୍ଭେ ତୁମ୍ଭର ହିଁ ଉପାସନା କରୁଅଛୁ । ଏଥି ସଙ୍ଗେସଙ୍ଗେ ତାହା ହୃଦୟରେ ଏହା ଉଙ୍କିମାରିଥାଏ କି ମୋର ଅସ୍ତିତ୍ୱ ବା କ'ଣ ଯେ ମୁଁ ଅଲ୍ଲାଃଙ୍କ ଉପାସନା କରିପାରିବି ଯେପର୍ଯ୍ୟନ୍ତ କି ମୋତେ ତାହାର କୃପା ଓ ଦୟା ଲାଭ ହୋଇ ନାହିଁ । ତେଣୁ ଆଗକୁ କୁହାଗଲା କି **ୱଇୟାକାନସ୍‌ତୟିନ୍** ଅର୍ଥାତ ଏଥିପାଇଁ ସାହାଯ୍ୟ ମଧ ତୁମ୍ଭଠାରୁ ଭିକ୍ଷା କରୁଅଛି । ଏହା ଏକ ଅତି ସୁକ୍ଷ୍ମ ମାମଲା ଯାହାକୁ ଇସଲାମ ବ୍ୟତୀତ ଅନ୍ୟ କୌଣସି ଧର୍ମ ବୁଝି ନାହିଁ । ଇସ୍‌ଲାମ୍ ହିଁ ଏହାକୁ ବୁଝିଛି । ଆପଣ କହୁଛନ୍ତି ଇସ୍‌ଲାମ୍ ପାଇଁ ଆବଶ୍ୟକ କଥା ହେଉଛି ଏଥିରେ ଦାଖଲ ହେବା ବ୍ୟକ୍ତି ଏହି ମୁଳ କଥାକୁ ସୁଦୃଢ଼ ରୂପେ ଧରି ରଖୁ, ତଦ୍‌ବିର୍ ମଧ କରୁ ଓ କଠିନ ପରିସ୍ଥିତିରେ ଦୁଆ ମଧ କରୁ ଏବଂ ଅନ୍ୟ ଜରିଆରେ ଦୁଆ ମଧ କରାଉ । ଯଦି ଏହି ଦୁଇଟି ପଲା ମଧ୍ୟରୁ କୌଣସି ଗୋଟିଏ ପଲା ହାଲୁକା ହୋଇଯିବ ତେବେ କାମ ହେବନାହିଁ । ସେଥିପାଇଁ ପ୍ରତ୍ୟେକ ମୋମିନ୍‌ଙ୍କ ନିମନ୍ତେ ଏହା ଆବଶ୍ୟକ ଅଟେ ଯେ ସେ ଏହା ଉପରେ ଅମଲ କରୁ । ଏହି ଯୁଗରେ ଆମେ ଦେଖୁଅଛୁ ଯେ, ଲୋକମାନେ ଯୋଜନା ତ କରୁଛନ୍ତି କିନ୍ତୁ ଦୁଆ କରିବାକୁ ଭୁଲିଯାଉଛନ୍ତି ବରଂ ମାଧ୍ୟମଗୁଡ଼ିକର ଏଭଳି ଉପାସନା କରୁଛନ୍ତି ଯେ କି ଯୋଜନା କରିବାକୁ ହିଁ ନିଜର ଈଶ୍ୱର ମଣିନେଇଛନ୍ତି ଏବଂ ଦୁଆ କରିବାକୁ ପରିହାସ କରାଯାଉଛି ତଥା ଏହାକୁ ଏକ ଅଯଥା କାର୍ଯ୍ୟ କୁହାଯାଉଛି । ଏସବୁ ୟୁରୋପର (ରୀତିନୀତି) ଅନୁସରଣ କରିବା ଯୋଗୁଁ ଘଟୁଅଛି ଏବଂ ଏହା ଭୟଙ୍କର ବିଷ ଯାହାକି ପୃଥିବୀରେ ସର୍ବତ୍ର ବ୍ୟାପି ଚାଲିଛି । ବର୍ତମାନ ୟୁରୋପ୍‌ରେ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ବହୁତ କମ୍ ହୋଇଯାଉଛି । ନାସ୍ତିକବାଦ ବହୁତ ବଢ଼ି ଚାଲିଛି । ଏବଂ ମୁସଲ୍‌ମାନ୍‌ମାନେ ଭାବୁଛନ୍ତି ଯେ ସେମାନଙ୍କ ଉନ୍ନତିର କାରଣ ଏଥିରେ ଅଛି କିନ୍ତୁ ଏହାର ଫଳ ଭଲ ହେବନାହିଁ । ଓ କିନ୍ତୁ ଅଲ୍ଲାଃତାଲା ଏହି ବିଷକୁ ଦୂରେଇ ଦେବାକୁ ଚାହାଁନ୍ତି ତେଣୁ ସେ ଏହି ଜମାଅତର ସ୍ଥାପନ କଲେ । ଯେଉଁ ଅହେମଦୀମାନେ ଅଛନ୍ତି ସେମାନେ ସାଂସାରିକ ପ୍ରଭାବକୁ ଓ ସାଂସାରିକ ବ୍ୟକ୍ତିମାନଙ୍କ ପ୍ରଭାବରେ ପ୍ରଭାବିତ ହେବା ଉଚିତ୍ ନୁହେଁ । ଖୁଦାତାଲାଙ୍କ ଉପରେ ବିଶ୍ୱାସ ନ କରୁଥିବା ଲୋକମାନଙ୍କ ପ୍ରଭାବ ନେବା ଉଚିତ୍ ନୁହେଁ । ବରଂ ସେମାନଙ୍କୁ ଖୁଦାତାଲାଙ୍କ ଅସ୍ତିତ୍ୱ ବିଷୟରେ ପରିଚୟ ଦେବା ଉଚିତ୍ ଓ ହକିକି ଇସ୍‌ଲାମ୍ ଅର୍ଥାତ୍ ବାସ୍ତବିକ ଇସ୍‌ଲାମ୍ ବାବଦରେ ସେମାନଙ୍କୁ ବତାଇବା ଉଚିତ୍ । ଏହା ଗୋଟିଏ ଅହେମଦୀର କାର୍ଯ୍ୟ ଅଟେ । କହିଲେ ଫଳତଃ ସଂସାରକୁ ଖୁଦାତାଲାଙ୍କର ଜ୍ଞାନ ଓ ଦୁଆ ର ବାସ୍ତବିକତା ଏବଂ ତାର ପ୍ରଭାବ ବିଷୟରେ ଏତେଲା ମିଳୁ । ଲୋକମାନେ ଭାବୁଛନ୍ତି ଦୁଆ ର କୌଣସି ବାସ୍ତବିକତା ନାହିଁ । ଜଣେ ଅହେମଦୀକୁ ଏପରି ହେବା ଉଚିତ୍ ଯେ ଯେଉଁଠି ତାକୁ ଦୁଆ ର ଗ୍ରହଣୀୟତା ଉପରେ ବିଶ୍ୱାସ ହେଉଥିବ ସେଠି ତା ଦୁଆର ଗ୍ରହଣୀୟତା ବାବଦରେ ଅନୁଭବ ମଧ ଥିବ । ସୁତରାଂ ଏପରି ଅବସ୍ଥା ଜଣେ ଅହେମଦୀଙ୍କ ମଧରେ ସୃଷ୍ଟି ହେବା ଉଚିତ୍ । ଯେତେବେଳେ ଏପରି ଅବସ୍ଥା ହେବ ତେବେ ଯାଇ ବିଶ୍ୱାସ ସୁଦୃଢ଼ ମଧ ହେବ । ମନୁଷ୍ୟ ଅସ୍ଥାୟୀ ଖୁଦାଙ୍କ ପଛରେ ପଡ଼ିବା ଉଚିତ୍ ନୁହେଁ ବରଂ ପ୍ରକୃତ ଖୁଦାଙ୍କ ଜ୍ଞାନ ହାସଲ କରି କେବଳ ତା ସମ୍ମୁଖରେ ନଇଁବ ଏବଂ ସେହି ବାସ୍ତବିକ ଖୁଦାର ଜ୍ଞାନ ଏବଂ ଅଲ୍ଲାତାଲାଙ୍କ ଉପାସନାର ସ୍ତର ବିଷୟରେ ଆମକୁ ଆ:ସ ନିଜ ଉପରେ ଅବତୀର୍ଣ୍ଣ ହୋଇଥିବା ପୁସ୍ତକ ଏବଂ ନିଜ ଅମଲ ଦ୍ୱାରା ଶିଖାଇଛନ୍ତି । ସେଥିପାଇଁ ଦୁଆ ର ବାସ୍ତବିକ ଜ୍ଞାନ ସେ ପର୍ଯ୍ୟନ୍ତ ପ୍ରକାଶ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଆଁ ହଜର୍‌ତ୍ ସ:ଆ:ସ ଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ ନ ହୋଇଛି । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ସିଲ୍‌ସିଲାର ପ୍ରତିଷ୍ଠା ଓ ନିଜ ଆବିର୍ଭାବର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରି ଗୋଟିଏ ଯାଗାରେ ଏହା ମଧ କହିଛନ୍ତି ଯେ ଯଦି ଆମ ଯମାତ୍‌ର ଲୋକମାନଙ୍କ ମଧ୍ୟରୁ କେହି ଅଜ୍ଞାନୀ ଅଛନ୍ତି ତେବେ ସେମାନେ ଜାଣିନିଅନ୍ତୁ । ଯଦି କାହାକୁ ଜଣାନାହିଁ ତେବେ ତାକୁ ଜଣାଇବା ଉଚିତ୍ ଯେ ଏହି ସିଲ୍‌ସିଲାର ପ୍ରତିଷ୍ଠା କରିବା ଦ୍ୱାରା ଅଲ୍ଲାଃତାଲାଙ୍କର କଣ ଉଦ୍ଦେଶ୍ୟ ଅଛି ଏବଂ ଆମ ଯମାତ୍‌ର ଲୋକମାନଙ୍କୁ କଣ କରିବା ଉଚିତ୍ । କିଏ ଯଦି କେବଳ ଏତିକି ଭାବି ନିଏ ଯେ କେବଳ ପ୍ରଥାନୁସାରେ ବୟତ୍ କରିନେଲେ ଆମକୁ ମୋକ୍ଷ ମିଳିଯିବ, ଏହା ସମ୍ପୁର୍ଣ୍ଣ ଭୁଲ୍ ଅଟେ । ବର୍ତମାନ

ଆବଶ୍ୟକ ହେଉଛି ଯେ ମୁଁ ପ୍ରକୃତ ଉଦ୍ଦେଶ୍ୟ ବାବଦରେ ତୁମକୁ ବତାଇବି ଯେ ଖୁଦାତାଲା କଣ ଚାହୁଁଛନ୍ତି । କେବଳ ବୟତ୍ କରିନେଲେ ମୋକ୍ଷ ମିଳିବ ନାହିଁ । ମୁଁ ତୁମକୁ ବତାଉଛି ଯେ ଖୁଦାତାଲା କଣ ଚାହୁଁଛନ୍ତି ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ସମସ୍ତେ ମନେରଖନ୍ତୁ ରୀତି ପରମ୍ପରା ପରି ବୟତ କରି ଜମାଅତର ଅନ୍ତର୍ଭୁକ୍ତ ହେବା କିମ୍ବା ମୋତେ ଇମାମ ସ୍ୱୀକାର କରିବା ମୋକ୍ଷ ପ୍ରାପ୍ତି ନିମନ୍ତେ କଦାପି ଯଥେଷ୍ଟ ନୁହେଁ କାରଣ ଅଲ୍ଲାଃତାଲା ହୃଦୟକୁ ଦେଖିଥାନ୍ତି, ନା କି ମୁହଁର କଥାକୁ । ଆପଣ କୁହନ୍ତି ମୋକ୍ଷ ପ୍ରାପ୍ତ କରିବାକୁ ହେଲେ ଯେପରିକି ଅଲ୍ଲାଃ ବାରମ୍ବାର କହିଛନ୍ତି- *ଏଥିପାଇଁ ଆବଶ୍ୟକ କି ପ୍ରଥମେ ସ୍ୱଚ୍ଛ ହୃଦୟର ସହିତ ଅଲ୍ଲାଃତାଲାଙ୍କୁ ଏକ ଓ ଅଦ୍ୱିତୀୟ ତଥା ହଜରତ ମହମ୍ମଦ ସ.ଆଙ୍କୁ ସଚ୍ଚୋଟ ନବୀ ବିଶ୍ୱାସ କର । ପବିତ୍ର କୋରାନକୁ ଅଲ୍ଲାଃଙ୍କ ପୁସ୍ତକ ସ୍ୱୀକାର କରିବା ସହିତ ଏଭଳି ପୁସ୍ତକ ଓ ଶରିୟତ କୟାମତ୍ ପର୍ଯ୍ୟନ୍ତ ଆସିବାର ନାହିଁ (ବୋଲି) ବିଶ୍ୱାସ ରଖ ।* ଅର୍ଥାତ୍ ପବିତ୍ର କୋରାନ୍ ପରେ ଏବେ ଆଉ କୌଣସି ପୁସ୍ତକ ବା କୌଣସି ଶରୀୟତ୍ର ଆବଶ୍ୟକ ନାହିଁ । ଦେଖ ଓ ଖୁବ୍ ମନେରଖ ଯେ ଆଁ ହଜ୍ରତ୍ ସ:ଆ:ସ ଖାତମୁଲ୍ ଅମ୍ବିୟା ଅଟନ୍ତି । ଅର୍ଥାତ୍ ଆମ ନବୀ ସ:ଆ:ସ ଙ୍କ ପରେ କୌଣସି ନୁଆ ଶରୀୟତ୍ ଏବଂ କୌଣସି ନୁଆ ପୁସ୍ତକ ଆସିବ ନାହିଁ ନା କୌଣସି ନୁଆ ଏହ୍କାମ୍ (ନିର୍ଦ୍ଦେଶନାମା) ଆସିବ ନାହିଁ । ଏହି ପୁସ୍ତକ ଓ ଏହି ନିର୍ଦ୍ଦେଶନାମା ରହିବ । ଯେଉଁ ଶବ୍ଦଗୁଡିକ ମୋ ପୁସ୍ତକରେ କହୁଛନ୍ତି ଯେ ଅର୍ଥାତ୍ ଯେଉଁ ଶବ୍ଦଗୁଡିକ ମୋ ପୁସ୍ତକ ଗୁଡିକରେ ନବୀ ବା ରସୁଲ ବୋଲି ବ୍ୟବହାର କରାଯାଇଛି । ସେଥିରେ କଦାପି ଏ ଇଛା ନାହିଁ ଯେ କୌଣସି ନୁଆ ଶରୀୟତ୍ ବା କୌଣସି ନୁଆ ଆଦେଶ ଶିଖାଇ ଦିଆଯିବ । ବରଂ ଏହାର ଇଛା ହେଉଛି ଆବଶ୍ୟକ ପଡ଼ିଲେ ଅଲ୍ଲାଃତାଲା କାହାକୁ ମାମୁର୍ (ଧର୍ମ ସଂସ୍କାର ନିମନ୍ତେ ଦୂତ ସ୍ୱରୂପ ନିଯୋଜନ) କରିଥାନ୍ତି । ସେହି ଅର୍ଥରେ ତାକୁ ମକାଲେମାତେ ଇଲାହିଆ (ଅଲ୍ଲାଃତାଲାଙ୍କ ସହିତ ବାର୍ତାଳାପ) ର ସୌଭାଗ୍ୟ ତାକୁ ପ୍ରଦାନ କରିଥାଏ । ସେହିପରି ଭବିଷ୍ୟତ ଖବର ମଧ୍ୟ ତାକୁ ଦେଇଥାଏ । ଏପରି ବ୍ୟକ୍ତିଙ୍କ ନିମନ୍ତେ ନବୀର ଶବ୍ଦ କୁହାଯାଏ ଏବଂ ସେ ନବୀ ହେବାର ଖିତାବ୍ (ସାର୍ଟିଆ) ପାଇଥାଏ । ଏହାର ଅର୍ଥ ଏହା ନୁହେଁ ଯେ ସେ କୌଣସି ନୁଆ ଶରୀୟତ୍ ଦିଏ ବା ସେ ଆଁ ହଜ୍ରତ୍ ସ:ଆ:ସ ଙ୍କ ଶରୀୟତ୍କୁ ନଉଜୁବିଲ୍ଲାଃ ମନ୍ସୁଖ୍ (ନିଃଶେଷ) କରେ । ବରଂ ଯାହାକିଛି ତାକୁ ମିଳେ ସେ ତାହା ଆଁ ହଜ୍ରତ୍ ସ:ଆ:ସ ଙ୍କ ସଚ୍ଚା ଓ ସମ୍ପୂର୍ଣ୍ଣ ଅନୁସରଣ କରିବା ଦ୍ୱାରା ମିଳିଥାଏ । ଏତଦ୍‌ଭିନ୍ନ ମିଳେନାହିଁ । ହଁ ଏହା ଜରୁରୀ ଅଟେ ଯେ ଯେତେବେଳେ ଯୁଗରେ ବହୁଳ ଭାବେ ପାପ ବଢ଼ିଯାଏ ଏବଂ ସଂସାରବାସୀ ବିଶ୍ୱାସର ବାସ୍ତବିକତାକୁ ବୁଝନ୍ତି ନାହିଁ ଏବଂ ତାଙ୍କ ପାଖରେ କେବଳ ମାଂସ ଓ ହାଡ଼ ରହିଯାଏ । ମଗଜ ଓ ସମ୍ପୂର୍ଣ୍ଣତା ରହେନାହିଁ ଏବଂ ବିଶ୍ୱାସ ଶକ୍ତି ଦୁର୍ବଳ ହୋଇଯାଏ ଓ ସଇତାନି ପ୍ରଭାବ ବଢ଼ିଯାଏ, ଇମାନ୍ର ଉତ୍ସାହ ଓ ମଧୁରତା ରହେନାହିଁ ଏପରି ସମୟରେ ଅଲ୍ଲାଃତାଲାଙ୍କର ଏ ଅଭ୍ୟାସ ପୁରା ହୋଇଥାଏ ଯେ ଅଲ୍ଲାଃତାଲା ନିଜର ଜଣେ ପୂର୍ଣ୍ଣ ଭକ୍ତଙ୍କୁ ଯେ ଖୁଦାତାଲାଙ୍କର ସଚ୍ଚା ଅନୁସରଣରେ ଲିନ ଥାଏ ତାକୁ ମକାଲିମା (ଅଲ୍ଲାଃଙ୍କ ସହିତ କଥାବାର୍ତା)ର ସୌଭାଗ୍ୟ ପ୍ରଦାନ କରି ପ୍ରେରଣ କରିଥାଏ । ସେହିପରି ସେ ମୋତେ ବର୍ତମାନ ନିମନ୍ତେ ମାମୁର୍ କରି ପ୍ରେରଣ କରିଛନ୍ତି । ଆପଣ କହୁଛନ୍ତି ଯେ ବର୍ତମାନେ ସେ ମୋତେ ମାମୁର୍ (ନବୀ) ରୂପେ ପ୍ରେରଣ କରିଛନ୍ତି । କାରଣ ଏହା ସେହି ଯୁଗ ଅଟେ ଯେଉଁ ଯୁଗରେ ପ୍ରଭୁ ପ୍ରେମ ସମ୍ପୂର୍ଣ୍ଣ ରୂପେ ଥଣ୍ଡା ହୋଇଯାଇଛି । ଯଦି ଚ ସାଧାରଣ ଲୋକଙ୍କ ଦୃଷ୍ଟିରେ ଏହା ଦେଖାଯାଉଛି ଯେ ଲୋକମାନେ ଲା ଇଲାହା ଇଲଲ୍ଲାଃ କହୁଛନ୍ତି ଓ ପୈଗମ୍ବର୍ ସ:ଆ:ସ ଙ୍କୁ ମଧ୍ୟ ନିଜ ମୁହଁରେ ସ୍ୱୀକାର କରୁଛନ୍ତି, ନମାଜ ମଧ୍ୟ ପଢୁଛନ୍ତି, ରୋଜା ମଧ୍ୟ ରଖୁଛନ୍ତି, କିନ୍ତୁ ପ୍ରକୃତ କଥା ହେଉଛି ଏହା ଯେ ସେମାନଙ୍କ ନିକଟରେ ଆଧ୍ୟାତ୍ମିକତା ବିଲ୍‌କୁଲ୍ ନାହିଁ ।....

ଯେଉଁପରି କାର୍ଯ୍ୟ କରାଯାଉଛି ତାହା ଆମାଲେ ସ୍ୱାଲେହା (ଉପଯୁକ୍ତ କାର୍ଯ୍ୟ)ର ବିରୋଧ ଅଟେ । ମୁସଲମାନ ମାନଙ୍କ ମଧ୍ୟରେ ଅଧିକାଂଶଙ୍କ ନିକଟରେ ଏହା ଦୃଷ୍ଟି ଗୋଚର ହେଉଅଛି । କିଛି କାର୍ଯ୍ୟ ଯଦି କରୁଛନ୍ତି, ତାହାକୁ କେବଳ ଏକ ପ୍ରଥା ରୂପେ କରୁଛନ୍ତି ବା ଏହା ଅଭ୍ୟାସ ହୋଇଗଲାଣି । ତେଣୁ କରୁଛନ୍ତି । ତାର ଆତ୍ମା ଓ ତାର ବାସ୍ତବିକତାର ଜ୍ଞାନ ନାହିଁ । କାରଣ ସେଥିରେ ନିଷ୍ଠା ଓ ଆଧ୍ୟାତ୍ମିକତାର କିରଣ ନାହିଁ । ନଚେତ୍ କଣ କାରଣ ଅଛି ଯେ ଏହି ଆମାଲେ ସ୍ୱାଲେହା ର ବରକାତ୍ ଏବଂ ଜ୍ୟୋତି ତାଙ୍କ ସହିତ ନାହିଁ । ଆମାଲେ ସ୍ୱାଲେହାର ବାସ୍ତବିକତାକୁ ଯଦି ଜାଣି ତାହାକୁ କାର୍ଯ୍ୟରେ ପରିଣତ କରାଯାଏ ଓ ଖୁଦାତାଲାଙ୍କୁ ସନ୍ତୁଷ୍ଟି କରିବା ନିମନ୍ତେ ସେ କାର୍ଯ୍ୟଗୁଡିକ କରାଯାଏ ତେବେ ସେଥିରେ ନିଶ୍ଚିତ ରୂପେ ଫଳ ମିଳିବ । କହୁଛନ୍ତି ଯେ ଖୁବ୍ ମନେରଖ ଯେ ଯେ ପର୍ଯ୍ୟନ୍ତ ସତ୍ ହୃଦୟ ଓ ଆଧ୍ୟାତ୍ମିକତାର ସହିତ ଏହି କାର୍ଯ୍ୟଗୁଡିକ ନ କରାଯାଏ ତେବେ କୌଣସି ଲାଭ ମିଳିବ ନାହିଁ । ଆମାଲେ ସ୍ୱାଲେହା ସେତେବେଳେ ଆମାଲେ ସ୍ୱାଲେହା କୁହାଯିବ ଯେତେବେଳେ ସେଥିରେ କୌଣସି ପ୍ରକାର ଫସାଦ ନ ହେବ । ସୁଲାହର ଓଲଟା ହେଉଛି ଫସାଦ୍ । ସାଲେହ୍ ହେଉଛି ସିଏ ଯିଏ ଫସାଦ୍ ଠାରୁ ପବିତ୍ର । ଯେଉଁମାନଙ୍କର ନମାଜରେ ଫସାଦ ଥାଏ ଏବଂ ନିଜର ଅଭିଳାଶ ଲୁଚି ରହିଥାଏ ସେମାନଙ୍କର ନମାଜ ଅଲ୍ଲାଃତାଲାଙ୍କ ନିମନ୍ତେ କଦାପି ନୁହେଁ ଏବଂ ତାହା ପୃଥିବୀରୁ ଏକ ଚାଖଣ୍ଡ ମଧ୍ୟ ଉପରକୁ ଉଠେନାହିଁ । କାରଣ ତା ଭିତରେ ନିଷ୍ଠାର ଆତ୍ମା ନାହିଁ ଓ ତାହା ଆଧ୍ୟାତ୍ମିକହୀନ ଅଟେ ।

ଅନେକ ଲୋକ ଆପତି କରିଥାନ୍ତି କି ଏହି ଜମାଅତ (ଗଠନ) କରିବାର ଆବଶ୍ୟକତା କ'ଣ ଥିଲା । ହଜରତ ମସିହ ମଉଦ ଆ.ସଙ୍କୁ ଏକ ନୂତନ ଜମାଅତ ଗଠନ କରିବାର ଆବଶ୍ୟକ ଥିଲା କି ? ହଜୁର କୁହନ୍ତି (ଲୋକମାନଙ୍କ) ଆସ୍ଥା ଦୁର୍ବଳ ହୋଇ ଏପରି ଅବସ୍ଥାରେ ପହଂଚିଯାଇଛି କି ତାହାର କୌଣସି ଅସ୍ତିତ୍ୱ ହିଁ ବାକି ନାହିଁ । ବର୍ତମାନ ଅଲ୍ଲାଃତାଲା ଏହି ଜମାଅତ ମାଧ୍ୟମରେ ପ୍ରକୃତ ଆସ୍ଥାର ଆତ୍ମା (ଲୋକମାନଙ୍କ ମଧ୍ୟରେ) ଫୁଙ୍କିବାକୁ ଚାହୁଁଛନ୍ତି । ଏପରି ଅବସ୍ଥାରେ ସେମାନଙ୍କର ଆପତି କରିବା କ'ଣ ନିରର୍ଥକ ଓ ଅସଭ୍ୟ ନୁହେଁ । ସୁତରାଂ ମନେରଖ ଏଭଳି କୁମନ୍ତ୍ରଣା କଦାପି କାହାରି ହୃଦୟରେ ଆସିବା ଉଚିତ୍ ନୁହେଁ ଏବଂ ଯଦି ପୂର୍ଣ୍ଣ ଧ୍ୟାନମଗ୍ନ ହୋଇ କାମ କରାଯାଏ ତେବେ କଦାପି ଏପରି କୁମନ୍ତ୍ରଣା ହିଁ ହୃଦୟରେ ଉଙ୍କିମାରିବ ନାହିଁ । **ଆତ୍ମକୁ ପ୍ରକୃତ ଶାନ୍ତି ପ୍ରତିଷ୍ଠା କରିବା ଉଚିତ୍ ଯାହାକି ମଣିଷକୁ ପାପାରୁ ରକ୍ଷା କରିବ ଏବଂ ସେହି ପରମ୍ପରା ଓ ଅଭ୍ୟାସର ଅନୁଚରମାନଙ୍କର ଦୃଷ୍ଟି ଏଥିପ୍ରତି ନଥାଏ, ନା ସେମାନଙ୍କର ଏପରି ତୀକ୍ଷଣ ଓ ଗଭୀର ଦୃଷ୍ଟି ଥାଏ । ସେମାନଙ୍କ ହାତରେ କେବଳ ଚୋପା ରହିଛି, ମଗଜ ନୁହେଁ ।**

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଯେତେବେଳେ ଆପଣଙ୍କ ଆଗମନର ଉଦ୍ଦେଶ୍ୟ ଅଲ୍ଲାଃତାଲାଙ୍କ ସହ ପ୍ରକୃତ ସମ୍ପର୍କ ସ୍ଥାପନ କରିବା, ହଜରତ ମହମ୍ମଦ ସ.ଆଙ୍କ ଶ୍ରେଷ୍ଠତାକୁ ଚିହ୍ନିବା, ପବିତ୍ର କୋରାନର ଆଦେଶ ଅନୁଯାୟୀ ସ୍ୱୟଂ ଅମଳ କରିବା ଅଟେ ତେବେ ଆମେ ଯେ କି ଆପଣଙ୍କ ଅନୁଗାମୀ, ନିଜର ଆସ୍ଥା ଓ ଅମଳର ସଂଶୋଧନ ମଧ୍ୟ ତଦନୁଯାୟୀ କରିବା ଉଚିତ୍ । ପୁଣି ଆମକୁ ଦେଖିବାର ଅଛି କି କ'ଣ ଆମର ବୟତ ବାସ୍ତବିକ, ନା ମାତ୍ର ମୁହଁରୁ କହିବା (କଥା) ପରି ଅଟେ । କ'ଣ ଆମ୍ଭର ଉପାସନା ଅଲ୍ଲାଃଙ୍କୁ ଏକ ଓ ଅଦ୍ୱିତୀୟ ମଣି ଅଟେ ନା ନାହିଁ । ଅହେମଦିମାନଙ୍କ ମଧ୍ୟରୁ ଅନେକ ଅଛନ୍ତି ଯେ ପାଂଚ ବେଳା ନମାଜ ପାଠ କରିନଥାନ୍ତି ଏବଂ ମୋ ସହ ସାକ୍ଷାତ କଲାବେଳେ କହିଦେଇଥାନ୍ତି କି ଦୁଆ କରିବେ ଆମେ ଯେପରି (ପାଂଚବେଳା) ନମାଜ ପାଠ କରିପାରିବୁ ଯେତେବେଳେ କି ଏହା ମୂଳ ଆଦେଶ ଅଟେ ଯାହାକି ପ୍ରତ୍ୟେକ ଅହେମଦି, ପ୍ରତ୍ୟେକ ମୋମିନ୍ ଓ ପ୍ରତ୍ୟେକ ମୁସଲମାନମାନଙ୍କ କର୍ତବ୍ୟ । ହଜରତ ମସିହ ମଉଦ ଆ.ସଙ୍କ ବୟତ କରିବା ପରେ (ଆମ୍ଭକୁ) ତ ଅତ୍ୟନ୍ତ ଉତ୍ସାହ ଓ ଆଗ୍ରହ ସହକାରେ ନମାଜ ପାଠ କରିବା ଉଚିତ୍ ନା କି ସମସ୍ତ ନମାଜ ପାଠ କରିବାରେ ଅବହେଳା କରିବା ଏବଂ କହିଦେବା କି ଆମ ପାଇଁ ଦୁଆ କରିବେ ଯେପରି ଆମେ ନମାଜ ପାଠ କରିବୁ । ଯେପର୍ଯ୍ୟନ୍ତ ନିଜେ ନମାଜ ପାଠ କରିବା ପ୍ରତି ସମ୍ବେଦନଶୀଳ ହୋଇ ନାହଁ ସେପର୍ଯ୍ୟନ୍ତ ଏଥିପାଇଁ ଯୋଜନା କରିବା ଓ ଚେଷ୍ଟା କରିବା ଉଚିତ୍ । ଦୁଆ ଓ ଚେଷ୍ଟା କର **ଇୟାକାନାବୁଦୁ ଓ୍ୱଇୟାକାନସ୍ତୟିନ୍** ଯେତେବେଳେ ଏହା ମୁହଁରୁ କହିଥାଅ ସେତେବେଳେ ଉକ୍ତ ଶବ୍ଦକୁ କେବଳ ସେହି (ମୁଖ)ରେ ହିଁ ସୀମିତ ରଖ ନାହିଁ ବରଂ ଗଭୀର ହୃଦୟରୁ ବାରମ୍ବାର ଉଚ୍ଚାରଣ କରି ତଦନୁଯାୟୀ ଅମଳ କର । ଯଦି ଆମେ ହଜରତ ମହମ୍ମଦ ସ.ଆଙ୍କୁ ସଚ୍ଚୋଟ ନବୀ ସ୍ୱୀକାର କରୁଅଛେ ତେବେ ଆପଣଙ୍କ ପ୍ରତ୍ୟେକ ଅମଳ, ଉପାସନା ତତ୍‌ସହିତ ଆପଣଙ୍କର ଶ୍ରେଷ୍ଠ ଚରିତ୍ର ଆମମାନଙ୍କ ନିମନ୍ତେ ସୁନ୍ଦର ଚାରିତ୍ରିକ ନମୁନା ହେବା ଉଚିତ୍ । ଦେଖ ଆପଣ ସାମାଜିକ ସମ୍ପର୍କ, ପାରିବାରିକ ସମ୍ପର୍କ, ପତ୍ନୀମାନଙ୍କ ସହିତ ଉତମ ଆଚରଣ ଆଦି ସମସ୍ତ କ୍ଷେତ୍ରରେ ଆମମାନଙ୍କ ପାଇଁ ପଥ ପ୍ରଦର୍ଶକ ଥିଲେ କିନ୍ତୁ ଆମ୍ଭମାନଙ୍କ ମଧ୍ୟରୁ ଅନେକ ଅଛନ୍ତି ଯେ, ଘରେ ବିଭ୍ରାଟ ସୃଷ୍ଟି କରୁଛନ୍ତି । ଆପଣ ଆମକୁ ସେମାନଙ୍କ ଭାବନାକୁ କଷ୍ଟ ଲାଗିଲା ପରି କାର୍ଯ୍ୟ ନକରିବାର ନିର୍ଦ୍ଦେଶ ଦେଲେ । ପୁଣି ଆପଣ ପିଲାମାନଙ୍କ ସହିତ ନମ୍ର ଆଚରଣ କରିବାର ମଧ୍ୟ ଶିକ୍ଷା ଦେଇଛନ୍ତି । ହଜୁର ସ.ଆ ଆମକୁ ଅନ୍ୟମାନଙ୍କ ଭାବନାକୁ ଆଘାତ ଲାଗିଲା ପରି କାର୍ଯ୍ୟ କରିବାରୁ ଓ କଳି ଝଗଡ଼ା କରିବାରୁ ନିବୃତ ରହିବାର ଶିକ୍ଷା ଦେଲେ ଏବଂ ଏସବୁ ଆପଣ ସ୍ୱୟଂ ଆମକୁ (ଅମଳ) କରି ଦେଖାଇଲେ । ଅନ୍ୟର ଧନ ଆତ୍ମସାତ କରିବାକୁ ଆପଣ ଦୃଢ଼ ଉକ୍ତିରେ ବାରଣ କଲେ ଏବଂ ଏହା ମଧ୍ୟ ଆପଣ କରି ଦେଖାଇଲେ । ଯେଭଳି ପରିସ୍ଥିତି ହେଉ ନା କାହିଁକି ନମ୍ରତା ପ୍ରଦର୍ଶନ କରିବା, ସତ୍ୟତାର ସର୍ବୋଚ୍ଚ ସ୍ତର ହାସଲ କରିବା ଆଦି କେଉଁ ଆଚରଣରେ ବା ଆପଣ ଆମ୍ଭମାନଙ୍କ ପାଇଁ ଉଦାହରଣ ନୁହନ୍ତି । ଯଦି ଆମେ ପ୍ରକୃତରେ ଆପଣଙ୍କୁ ସଚ୍ଚୋଟ ନବୀ ସ୍ୱୀକାର କରୁଅଛୁ ଏବଂ ହଜରତ ମସିହ ମଉଦ ଆ.ସଙ୍କୁ ଆପଣଙ୍କ ଦାସତ୍ୱରେ ଏହି ଯୁଗର ଇମାମ ମଣୁଅଛୁ ତେବେ ନିଜ ଅମଳ ଓ ନିଜ ଉପାସନାର ସ୍ତରରେ ମଧ୍ୟ ଅଭିବୃଦ୍ଧି କରିବାକୁ ହେବ । ପବିତ୍ର କୋରାନ ଓ ତାହାର ଆଦେଶାବଳୀ କି ସେ ଆମକୁ କ'ଣ କରିବା ଓ କ'ଣ ନକରିବାକୁ କହିଛି ଏବଂ ଆମେ କ'ଣ କରୁଛେ, କେଉଁ ଅପକର୍ମରୁ ଆମେ ନିବୃତ ହେଲେଣି ଏବଂ କେଉଁ ଅପକର୍ମକୁ

ଏପର୍ଯ୍ୟନ୍ତ ବର୍ଜନ କରି ନାହେଁ । ହଜରତ ମସିହ ମଉଦ ଆ.ସଙ୍କ ସ୍ଥାନ ଓ ଘୋଷଣାକୁ ଆମକୁ ସଠିକ୍ ରୂପେ ବୁଝିବାର ଆବଶ୍ୟକତା ରହିଛି ।

ଅତଏବ ଏହି ଯୁଗ ସଂସାରବାସୀଙ୍କୁ ଅଲ୍ଲାଃଙ୍କଠାରୁ ଦୂରେଇ ଦେଇଛି ଏବଂ ବିକାଶ ନାମରେ ଆମ ଉପରେ ଚଢୁଥିବା ପ୍ରତି ଦିନର ସୂର୍ଯ୍ୟ ଆମକୁ ଅଲ୍ଲାଃଙ୍କ ଠାରୁ ଦୂରକୁ ନେଇ ଚାଲିଛି । ଏପରି ଅବସ୍ଥାରେ ଏହା ଅହେମଦିଙ୍କ କର୍ତବ୍ୟ ଯେ, ଅଲ୍ଲାଃଙ୍କ ସହ ସମ୍ପର୍କ ସ୍ଥାପନ କରିବା ଓ ତାଙ୍କୁ ଚିହ୍ନିବାକୁ ଚେଷ୍ଟା କରିବା ଏବଂ ଏଥିରେ ପ୍ରତି ଦିନ ଉନ୍ନତି କରି ଚାଲିବା । ଆମର ହଜରତ ମହମ୍ମଦ ସ.ଆଙ୍କ ସହ ପ୍ରେମ ଓ ଭଲପାଇବା କେବଳ ମୁହଁରେ ଘୋଷଣା କରିବା ଓ ନାରା (ଶ୍ଲୋଗାନ) ଦେବାରେ ସୀମିତ ରହିନଯାଉ ବରଂ ତାହାର ପରିପ୍ରକାଶ ଆପଣଙ୍କ ପବିତ୍ର ନମୁନାକୁ (ବାସ୍ତବିକ ଜୀବନରେ) ଆପଣାଇ ଦେଖାଇବା ଉଚିତ୍ । ଏପରି ନହେଉ କି ଆପଣଙ୍କ ନାମର କେବଳ ନାରା ଲଗାଇ ଦେବା ଏବଂ ତାପରେ ଅତ୍ୟାଚାର ମଧ୍ୟ ଆପଣଙ୍କ ନାମରେ କରିବା ଯେପରିକି ଆଜିକାଲି ମୁସଲମାନମାନଙ୍କର ଅବସ୍ଥା ଅଟେ । ଅନେକ ପ୍ରଶାସନିକ ତଥା ଅନ୍ୟାନ୍ୟ ସଙ୍ଗଠନମାନ ଗଢିଉଠିଥିଲେ ମଧ୍ୟ ସେମାନଙ୍କ ଅମଲ ଇସଲାମ ଓ ହଜରତ ମହମ୍ମଦ ସ.ଆଙ୍କୁ ଏକ ଅତ୍ୟାଚାରୀ (ଭାବରେ) ଦର୍ଶାଉଛି । ସେହି ଦୟାର ସାଗର ଯେ ସମସ୍ତ ଯୁଗ ପାଇଁ ଦୟା ଓ କରୁଣାର ସାଗର ହୋଇ ଆସିଥିଲେ, ଏମାନେ ନିଜ ଅମଲ ଦ୍ୱାରା ତାଙ୍କୁ ଜଣେ ଅତ୍ୟାଚାରୀ ରୂପେ ଦର୍ଶାଉଛନ୍ତି । ଯଦିଓ ସେମାନଙ୍କ ଚେଷ୍ଟା କଦାପି ସଫଳ ହୋଇପାରିବ ନାହିଁ କାରଣ ଏହି ଯୁଗରେ ହଜରତ ମସିହ ମଉଦ ଆ.ସଙ୍କ ଆଗମନ ହୋଇସାରିଛି ଏବଂ ଆମ୍ଭେ ଇସଲାମର ପ୍ରକୃତ ଚିତ୍ର ସଂସାରବାସୀଙ୍କ ନିକଟରେ ଉପସ୍ଥାପନ କରିବାକୁ ଚେଷ୍ଟା କରୁଅଛୁ ।

ସୁତରାଂ ଆମ୍ଭକୁ ଏହି ପ୍ରକୃତ ଚିତ୍ର ଉପସ୍ଥାପନ କରିବା ନିମନ୍ତେ ଆପଣଙ୍କର ପ୍ରତ୍ୟେକ ଚରିତ୍ର ଆପଣାଇବାକୁ ଚେଷ୍ଟା କରିବା ଉଚିତ୍ ଏବଂ ପ୍ରତି ମୁହୁର୍ତ ଏହି ପ୍ରତୀକ୍ଷାରେ ରହିବା ଉଚିତ୍ କି ଆମର ପ୍ରତ୍ୟେକ ଅମଲ ଉତମ ଅମଲ ହେଉ ଏବଂ ଆମ୍ଭେ ସଇତାନର କବଳରୁ ଦୂରେଇ ରହିବା ସହିତ ଅଲ୍ଲାଃତାଲାଙ୍କ ନିକଟତର ହୋଇ ରହିବା ନଚେତ୍ ଯେପରିକି **ହଜୁର ଆ.ସ କହିଛନ୍ତି ଅନ୍ୟମାନେ ମଧ୍ୟ ନମାଜ ପାଠ କରିଥାନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନମାଜ ଭୂପୃଷ୍ଠରେ ହିଁ ଅଟକି ରହିଯାଇଥାଏ ଅରସ୍‌ରେ (ଅଲ୍ଲାଃଙ୍କ ଆସ୍ଥାନାରେ) ପହଂଚିନଥାଏ । ଅରସ୍‌ର ଅଲ୍ଲାଃଙ୍କୁ ଏପରି ନମାଜର କୌଣସି ଆବଶ୍ୟକତା ନଥାଏ କାରଣ ସେଥିରେ ନିଷ୍ଠା ନଥାଏ ।**

ହଜରତ ମସିହ ମଉଦ ଆ.ସ କୁହନ୍ତି- ନମାଜକୁ ସେତେବେଳେ ପ୍ରକୃତ ନମାଜ କୁହାଯାଏ ଯେତେବେଳେ ଅଲ୍ଲାଃଙ୍କ ସହ ସଚ୍ଚୋଟ ଓ ପବିତ୍ର ସମ୍ପର୍କ ଯୋଡ଼ାଯାଏ ଏବଂ ଅଲ୍ଲାଃଙ୍କ ପ୍ରୀତିଭାଜନ ଓ ଆଜ୍ଞାବହ ହେବାରେ ଏପରି ସମର୍ପି ଦେବା ଓ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବାରେ ଅଲ୍ଲାଃଙ୍କ ମାର୍ଗରେ ନିଜ ଜୀବନ ଉତ୍ସର୍ଗ କରିଦେବା କି ନିଜ ପ୍ରାଣର ଆହୁତି ଦେବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇଯିବା । ଯେତେବେଳେ ମଣିଷର ଏପରି ଅବସ୍ଥା ହୋଇଯାଏ ସେତେବେଳେ କୁହାଯିବ ଯେ, ଏପରି ବ୍ୟକ୍ତିର ନମାଜ ନମାଜ ଅଟେ । କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ମଣିଷ ମଧ୍ୟରେ ଏହି ଗୁଣ ଦୃଶ୍ୟମାନ ହୋଇନଥାଏ ଏବଂ ସେ ସତ୍ୟ ନିଷ୍ଠା ଓ ବିଶ୍ୱସ୍ତତାର ନମୁନା ଦେଖାଇ ନଥାଏ ସେପର୍ଯ୍ୟନ୍ତ ତାହାର ନମାଜ ଓ ଅନ୍ୟାନ୍ୟ ଅମଲ (କାହାରିକୁ) ପ୍ରଭାବିତ କରିନଥାଏ ।

ପୁଣି ପ୍ରକୃତ ପୁଣ୍ୟ କର୍ମ କ'ଣ ଅଟେ । ଏଥିସମ୍ବନ୍ଧରେ ହଜୁର ଆ.ସ କୁହନ୍ତି- *ଈଶ୍ୱର ଭୟ ଅର୍ଥ ଅପକର୍ମର ସୁକ୍ଷ୍ମ ମାର୍ଗରୁ ନିବୃତ ରହିବା କିନ୍ତୁ ମନେରଖ ପୁଣ୍ୟ କର୍ମ ଏତିକି ନୁହେଁ କି ଜଣେ କହି ଦେବ କି ମୁଁ ପୁଣ୍ୟବନ୍ତ ଅଟେ । ଏଥିପାଇଁ କି ମୁଁ କାହାରି ଧନ ଆତ୍ମସାତ କରି ନାହିଁ, ଚୋରି କରି ନାହିଁ, ଖରାପ ଦୃଷ୍ଟିରେ କାହାରିକୁ ଦେଖି ନାହିଁ, କୁକର୍ମ କରି ନାହିଁ । ଆପଣ କୁହନ୍ତି ଏପରି ପୁଣ୍ୟକର୍ମ ଜ୍ଞାନବନ୍ତଙ୍କ ନିକଟରେ ହାସ୍ୟସ୍ପଦ ଅଟେ ।* **ପ୍ରକୃତ ଓ ଅସଲ ପୁଣ୍ୟ ମାନବ ଜାତିର ସେବା କରିବା ଏବଂ ଅଲ୍ଲାଃଙ୍କ ମାର୍ଗରେ ପୂର୍ଣ୍ଣ ସତ୍ୟବାଦୀ ଓ ବିଶ୍ୱସ୍ତ ତଥା ସେହି ମାର୍ଗରେ ପ୍ରାଣ ବଳି ଦେବା ପାଇଁ ପ୍ରସ୍ତୁତ ହୋଇଯିବା ଅଟେ ।** ଯେପରି ଅଲ୍ଲାଃ କହିଲେ- **ଇନ୍ନଲ୍ ଲଜିନା ମାଅଲ୍ ଲଜିନାତ୍ ତକୌ ୱ୍ଵଲ୍ ଲଜିନା ହୁମ୍‌ମୁହ୍‌ସିନୁନ୍** ଅର୍ଥାତ ଅଲ୍ଲାଃ ସେମାନଙ୍କ ସାଥିରେ ଥାନ୍ତି ଯେ ଅପକର୍ମରୁ ନିବୃତ ରହି ସତ୍ କାର୍ଯ୍ୟ କରନ୍ତି । ସୁତରାଂ ବେଶ୍ ଭଲଭାବରେ ମନେରଖ କେବଳ ଅପକର୍ମରୁ ନିବୃତ ରହିବା କୌଣସି ସୁଗୁଣ ନୁହେଁ ଯେପର୍ଯ୍ୟନ୍ତ ପୁଣ୍ୟକର୍ମ ସମ୍ପାଦନ କରାଯାଇ ନାହିଁ ।

ବଡ଼ ବଡ଼ ଅପକର୍ମ ମଧ୍ୟରେ ଗୋଟିଏ ମିଥ୍ୟା ବଚନ ଅଟେ । ଏଥିରୁ ନିବୃତ ରହିବା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି ମୁଁ ପବିତ୍ର କୋରାନର ଅନୁଧ୍ୟାନ କଲି କି ସେଥିରେ ସହସ୍ର ଆଦେଶ ରହିଛି, ଯାହାର ପାଳନ କରାଯାଉ ନାହିଁ । ଛୋଟ ଛୋଟ କଥାରେ ଉକ୍ତ ଆଦେଶାବଳୀର ଉଲଙ୍ଘନ କରାଯାଉଛି । ପୁଣି ଏପରିକି ଦେଖିବାକୁ ମିଳିଥାଏ କି କେତେକ ମିଥ୍ୟା ଦୋକାନୀମାନେ କହିଥାନ୍ତି ଯାହାକି ବେଶ୍ ମନଗଢା ଅଟେ । ଯେତେବେଳେ କି ଅଲ୍ଲାଃତାଲା ଏହାକୁ ରିଜିସ୍ (ଖରାପ୍)ର ଅନ୍ତର୍ଭୁକ୍ତ କରିଛନ୍ତି । କିନ୍ତୁ ଅନେକ ଲୋକ ବେଶ୍ ସୁନ୍ଦର ଭାବରେ ମିଥ୍ୟା କହିବାରୁ ନିବୃତ ରହିନଥାନ୍ତି ଏବଂ ତାହାକୁ ସେମାନେ କୌଣସି ଅପକର୍ମ ହିଁ ମଣିନଥାନ୍ତି । ଥଟାମଜା କଲା ବେଳେ ମଧ୍ୟ ମିଛ କହିଥାନ୍ତି ମଣିଷ ସେପର୍ଯ୍ୟନ୍ତ ସତ୍ୟବାଦୀ ହୋଇନଥାଏ ଯେପର୍ଯ୍ୟନ୍ତ ମିଥ୍ୟାର ସମସ୍ତ ଶାଖାରୁ ଦୂରେଇଯାଇ ନାହିଁ ।

ଆଉ ଏକ ଉତମ ଚରିତ୍ର (ଦୋଷ) ଢାଙ୍କିବା ଅଟେ । ଯାହାକି କେବଳ ଉତମ ଚରିତ୍ର ନୁହେଁ ବରଂ ଏତତ୍ ଦ୍ୱାରା ମଣିଷ ଅନେକ ଝଗଡ଼ା ଓ ବିଭ୍ରାଟରୁ ମଧ୍ୟ ମୁକ୍ତି ପାଇଯାଇଥାଏ ଏବଂ ସଂସାରକୁ ମଧ୍ୟ (ବିପତିରୁ) ରକ୍ଷା କରିଦେଇଥାଏ । ସୁତରାଂ ଏହାର ଚର୍ଚ୍ଚା କରି ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ ଦେଖୁଅଛି ଯେ ଜମାଅତରେ ପାରସ୍ପରିକ କଳହ ବେଶ୍ ବଢିଚାଲିଛି । ସାଧାରଣ ଝଗଡ଼ାରେ କ୍ରମେ ପରସ୍ପରର ସମ୍ମାନ ଉପରେ ଆକ୍ଷେପ କରିବାକୁ ଲାଗୁଛନ୍ତି । ଅଲ୍ଲାଃତାଲାଙ୍କ ଗୋଟିଏ ନାମ ସତାର୍ ଅଟେ ତେବେ ଏମାନେ କାହିଁକି ନିଜ ଭାଇଙ୍କ ଉପରେ ଦୟା କରୁନାହାନ୍ତି ଏବଂ କ୍ଷମା ଓ ଅଣଦେଖା କରୁ ନାହାନ୍ତି । ସେମାନଙ୍କ ପାଇଁ ଅନିର୍ବାର୍ଯ୍ୟ କି ସେମାନେ ନିଜ ଭାଇର (ଦୋଷ)ଢାଙ୍କିବା ସହିତ ତାହାର ଅସମ୍ମାନ ଓ ଉପହାସ କରିବାରୁ ମଧ୍ୟ ନିବୃତ ରହିବା ଉଚିତ୍ । ଆପଣ କୁହନ୍ତି ମୁଁ ଗୋଟିଏ ଛୋଟ ପୁସ୍ତକରେ ଲେଖାଥିବାର ଦେଖିଲି କି ଜଣେ ରାଜା କୋରାନ ଲେଖୁଥିଲେ ତାହା ଦେଖି ଜଣେ ମୌଲବି କହିଲେ (ଆପଣ)ଏହି ଆୟତ ଭୁଲ୍ ଲେଖିଛନ୍ତି । ସେଥିରେ ରାଜା ଉକ୍ତ ଆୟତ ତଳେ ଗାର ଟାଣିଦେଇ କହିଲେ ଏହାକୁ କାଟି ଦିଆଯିବ । ଯେତେବେଳେ ସେ ସେଠାରୁ ଚାଲିଗଲେ ରାଜା ଟାଣିଥିବା ଗାରଟିକୁ କାଟିଦେଲେ । କେହି ଜଣେ ପଚାରିଲେ ଏପରି କାହିଁକି କଲେ ସେ ଉତର ଦେଲେ ପ୍ରକୃତରେ ମୌଲବି ଭୁଲ୍ କହିଥିଲେ କିନ୍ତୁ ମୁଁ ଗାର ଏଥିପାଇଁ ଟାଣିଦେଲି କି ତାଙ୍କ ମନକୁ ଆଘାତ ନଲାଗୁ । **ଆପଣ କୁହନ୍ତି ଏହା ଅହଂକାରର ମୂଳ ଓ (ଭୟଙ୍କର)ରୋଗ ଅଟେ କି ଅନ୍ୟର ଭୁଲ୍ ଧରି ତାହାକୁ ପ୍ରଚାର କରିବା ।** ଏପରି କର୍ମ ଦ୍ୱାରା ମଣିଷ ଖରାପ (ମନ୍ଦ) ପାଲଟିଯାଇଥାଏ, ଏପରି କର୍ମରୁ ନିବୃତ ରହିବା ଉଚିତ୍ । *ଏସମସ୍ତ ମାମଲା ଈଶ୍ୱର ଭୟର ଅନ୍ତର୍ଭୁକ୍ତ ଏବଂ ନିଜର ବାହ୍ୟ ଓ ଅଭ୍ୟନ୍ତର ମାମଲାରେ ଈଶ୍ୱର ଭୟ ଧାରଣ କରୁଥିବା ବ୍ୟକ୍ତିକୁ ଦେବଦୂତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥାଏ, କାରଣ ତାହା ମଧ୍ୟରେ କୌଣସି ଅହଂଭାବ ନଥାଏ ।* ଆପଣ କୁହନ୍ତି ଈଶ୍ୱର ଭୟ ଧାରଣ କର କାରଣ ତାହାପରେ ହିଁ ଅଲ୍ଲାଃତାଲାଙ୍କ ବିଭୂତି ଅବତୀର୍ଣ୍ଣ ହୋଇଥାଏ । ଧର୍ମଭୀରୁକୁ ସଂସାରର ବିପତିରୁ ରକ୍ଷା କରାଯାଇଥାଏ, ଅଲ୍ଲାଃ ସେମାନଙ୍କ ଦୋଷ ଢାଙ୍କି ଦେଇଥାନ୍ତି । ଆପଣ ଆହୁରି କୁହନ୍ତି କି ଅନେକ ଲୋକଙ୍କର ଅଭ୍ୟାସ ଥାଏ କି ସେମାନେ ନିଜ ଭାଇ ଉପରେ ହଠାତ୍ ଖରାପ ଆରୋପ ଲଗାଇ ବସିଥାନ୍ତି, ସେମାନଙ୍କୁ ଏପରି କର୍ମରୁ ନିବୃତ ରହିବା ଉଚିତ୍ । ମାନବ ଜାତିର ଉପକାର କର ନିଜ ଭାଇ ସହ ସହାନୁଭୂତି ପ୍ରଦର୍ଶନ କର ଓ ନିଜ ପଡ଼ୋଶୀଙ୍କ ସହ ଉତମ ଆଚରଣ କର ଏବଂ ସର୍ବ ପ୍ରଥମେ ଶିରକ୍ କରିବାରୁ ନିବୃତ ରୁହ କାରଣ ଏହା ଈଶ୍ୱର ଭୟ ଧାରଣ କରିବାର ମୂଳ ଇଟା ଅଟେ ।

ନିଜ ଭାଇର ଦୋଷ ଦେଖି କି ପଦକ୍ଷେପ ନେବା ଉଚିତ୍ ଏଥିସମ୍ବନ୍ଧରେ ହଜୁର ଆ.ସ ଅଧିକ ସ୍ପଷ୍ଟିକରଣ କରି କୁହନ୍ତି- ମୋତେ ନିଜ ଜମାଅତକୁ ଦେଖି ବହୁତ ଦୁଃଖ ଲାଗୁଛି କି ଏପର୍ଯ୍ୟନ୍ତ ଏମାନେ ଛୋଟ ଛୋଟ କଥାରେ ପରସ୍ପର ଉପରେ ଚିଡ଼ି ଉଠୁଛନ୍ତି । ଗୋଟିଏ ସାଧାରଣ ବୈଠକରେ କାହାରିକୁ ମୂର୍ଖ କହିଦେବା ମଧ୍ୟ ବଡ଼ ଭୁଲ ଅଟେ । **ଯଦି ନିଜ ଭାଇର କୌଣସି ଦୋଷ ଦେଖିବାକୁ ପାଅ ତେବେ ତାହା ପାଇଁ ଦୁଆ କର କି ଅଲ୍ଲାଃ ତାହାକୁ ରକ୍ଷା କରନ୍ତୁ ନା କି ତାହାର ପ୍ରଚାର କର ।** ଯଦି କାହାର ପୁତ୍ର କୁକର୍ମୀ ହୋଇଯାଏ ତେବେ ସେ ତାହାକୁ ନଷ୍ଟ ହେବାକୁ ଛାଡ଼ିଦେଇ ନଥାଏ ବରଂ ତାହାକୁ ନେଇ ଏକାନ୍ତରେ ବୁଝାଇଥାଏ କି ଏହା ଖରାପ କାର୍ଯ୍ୟ ଅଟେ, ଏଥିରୁ ଦୂରେଇ ରୁହ । ସୁତାରଂ ଯେପରି ଦୟା, କ୍ଷମା ଏବଂ ନମ୍ର ଆଚରଣ ନିଜ ସନ୍ତାନମାନଙ୍କ ସହ କରୁଅଛ ସେହିପରି ନିଜ ଭାଇମାନଙ୍କ ସହ କର । ଯାହାର ଚରିତ୍ର ଉତମ ନୁହେଁ ମୋତେ ତାହାର ଆସ୍ଥାକୁ ନେଇ ଭୟ ଲାଗୁଛି । କାରଣ ତାହା ମଧ୍ୟରେ ଅହଂକାରର ମୂଳ ରହିଛି । ଯଦି ଅଲ୍ଲାଃ ତାହା ଉପରେ ରାଜି ନହୁଅନ୍ତି ତେବେ ସେ ନଷ୍ଟ ହୋଇଯିବ ।

କ୍ଷମା ପ୍ରାର୍ଥନା କରିଚାଲ ଏବଂ ସର୍ବଦା ଦୁଆ କରୁଥାଅ । ଆପଣ କୁହନ୍ତି ଆମର ବିଜୟୀ ହେବାର ଅସ୍ତ୍ର କ୍ଷମା ପ୍ରାର୍ଥନା କରିବା, ଧାର୍ମିକ ଜ୍ଞାନ ସମ୍ବନ୍ଧରେ ଅବଗତ ହେବା, ଅଲ୍ଲାଃଙ୍କ ଶ୍ରେଷ୍ଠତାକୁ ନିଜ ସମ୍ମୁଖରେ ରଖିବା ଓ ପାଂଚବେଳା ନମାଜ ପାଠ କରିବାରେ ଅନ୍ତର୍ନିହିତ । ନମାଜ ଦୁଆ ସ୍ୱୀକାର ହେବାର ଚାବିକାଠି, ଯେତେବେଳେ ନମାଜ ପାଠ କର ସେତେବେଳେ ଦୁଆ କର (କଦାପି) ଅବହେଳା କର ନାହିଁ ଏବଂ ପ୍ରତ୍ୟେକ ଅପକର୍ମ ତାହା ଅଲ୍ଲାଃଙ୍କ ସମ୍ବନ୍ଧରେ ହେଉ ଅବା ଭକ୍ତଙ୍କ ସମ୍ବନ୍ଧରେ ସେଥିରୁ ନିବୃତ ରୁହ ।

ଅଲ୍ଲାଃତାଲା ଆମ୍ଭକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ଏହି ସ୍ତର ହାସଲକାରୀ ହେଉ ଓ ହଜରତ ମସିହ ମଉଦ ଆ.ସଙ୍କ ବୟତ କରିବା ପରେ ଆପଣଙ୍କ ଆଗମନର ଉଦ୍ଦେଶ୍ୟକୁ ବୁଝି ତାହାକୁ ପୂରଣ କରିବା ନିମନ୍ତେ ନିଜର ସମସ୍ତ ସାମର୍ଥ୍ୟ ଓ ଶକ୍ତି ବିନିଯୋଗ କରିବା ସହିତ ଏଥିସମ୍ବନ୍ଧରେ ବିଶ୍ୱବାସୀଙ୍କୁ ସଚେତନ କରିବା ଉଚିତ୍ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

ପୂର୍ବରେ ଅବସ୍ଥିତ । ବାକି ଯେଉଁ କାଦିଆନ୍‌ରେ ଥିବା ମିନାରତୁଲ୍ ମସିହ୍ ବିଷୟ ଅଛି ତା ବାବଦରେ ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେହେତୁ ମିନାର କୁ ମସିହ୍‌ଙ୍କ ନିମନ୍ତେ ଚିହ୍ନ ରୂପେ ବିବେଚିତ କରାଯାଇଥିଲା ସେଥିଯୋଗୁ ମୁଁ ଏହି ମିନାର୍‌କୁ ବନାଉଛି । ହଜରତ୍ ମସିହ୍ ମଉଦ୍ ଆ:ସ ଏହା ତ କହିନାହାଁନ୍ତି ଯେ ଏହି ମିନାର୍‌କୁ ମୁଁ ଏଥିପାଇଁ ତିଆରି କରୁଛି ଯେ ଏହା ମୋ ଆଗମନର ଦଲିଲ୍ ହେଉବୋଲି । ବରଂ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କ ଜୀବଦଶାରେ ଏହି ମିନାର୍‌ଟି ତିଆରି ହୋଇନଥିଲା । କେବଳ ଅଳ୍ପ କିଛି ଫୁଟ୍ ପର୍ଯ୍ୟନ୍ତ ଉଠିଥିଲା । ଏହା ତ ଖିଲାଫତେ ସାନିଆ ସମୟରେ ତିଆରି ହୋଇଥିଲା । ତେଣୁ ପ୍ରତ୍ୟେକ ହଦିସ୍‌ର ବ୍ୟାଖ୍ୟା ହୋଇଥାଏ ।....

ଜଣେ ୱାକ୍‌ଫେ ନୌ ପ୍ରଶ୍ନ କଲେ ଯେ ଏବେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ପବିତ୍ର କୋରାନ୍‌ର ଆୟତ ଗୁଡିକ ପ୍ରତ୍ୟେକ ଯୁଗପାଇଁ ଅଟେ । ପାକିସ୍ତାନ୍‌ରେ ଯେଉଁ ମୌଲବୀମାନେ ଅଛନ୍ତି ସେମାନେ ଯମାତ୍ ଅହେମଦୀୟାକୁ ଏକ ଯମାତ୍ ହୋଇଥିବା ଯୋଗୁଁ ନିଃଶେଷ କରିଦେବା ପାଇଁ ଆମ ଉପରେ ଅତ୍ୟାଚାର କରୁଅଛନ୍ତି । ଆମ ଲୋକମାନଙ୍କୁ ବନ୍ଦୀ କରୁଛନ୍ତି । ଆମ ଲୋକମାନଙ୍କୁ ଶହିଦ୍ କରିଦେଉଛନ୍ତି, ତେବେ ଏହି ଆୟତ୍‌ର ଦୃଷ୍ଟିକୋଣରୁ ଆମ ପାଇଁ କଣ ନିର୍ଦ୍ଦେଶ ଅଛି ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମ ପାଇଁ ସ୍ପଷ୍ଟ ରୂପେ ନିର୍ଦ୍ଦେଶ ଅଛି ଯେ ଆମେ ଯେଉଁ ଦେଶରେ ରହୁଅଛେ ସେ ଦେଶରେ କୌଣସି ପ୍ରକାର ଫିତ୍‌ନା ଓ ଫସାଦ୍ କରିବା ନାହିଁ । ଫିତ୍‌ନା ସମ୍ବନ୍ଧରେ ପବିତ୍ର କୋରାନ୍‌ରେ ଏପରି ଆସୁଅଛି ଯେ ଅଲ୍‌ଫିତ୍‌ନତୁ ଅଶଦ୍‌ଦୁ ମିନଲ୍ କତ୍‌ଲେ ଅର୍ଥାତ୍-ଫିତ୍‌ନା ହତ୍ୟାଠାରୁ ମଧ୍ୟ ଖରାପ ଜିନିଷ ଅଟେ । ସେଥିଯୋଗୁଁ ପାକିସ୍ତାନରେ ଆମର ସରକାର ନାହିଁ । ଆମ୍ଭେ ସେହି ଦେଶର ନାଗରିକ ଏବଂ ସେହି ଦେଶର କାନୁନ୍ ବ୍ୟବସ୍ଥାକୁ ମାନୁଅଛୁ । କିନ୍ତୁ ଯେଉଁଠି ସେହି କାନୁନ୍ ଶରୀୟତ୍ ବିରୋଧି ହୁଏ ସେଠି ଆମେ ସେ କାନୁନ୍ କୁ ମାନି ନଥାଉ । ଅଲ୍ଲାଃତାଲାଙ୍କର ନିର୍ଦ୍ଦେଶ ଅଛି ଯେ ତୁମେ ନମାଜ ପଢ଼, କଲ୍‌ମା ପଢ଼, ସଲାମ୍ କର । ଯଦି ତୁମେ ନିଜକୁ ମୁସଲ୍‌ମାନ କହୁଅଛ ତେବେ ତୁମେ ମୁସଲ୍‌ମାନ ଅଟ । କିନ୍ତୁ ପାକିସ୍ତାନ୍‌ରେ ଧର୍ମ ନାମରେ ଯେଉଁ କାନୁନ୍ ଅଛି ତାହା ତ ଜଙ୍ଗଲ୍‌ର କାନୁନ୍ ଅଟେ । ସେଥିଯୋଗୁଁ ଆମେ କେବଳ ସେହି କାନୁନ୍‌କୁ ମାନୁନାହୁଁ । କିନ୍ତୁ ଆମର ଏ କାର୍ଯ୍ୟ ନୁହେଁ ଯେ ଆମେ ଯୁଦ୍ଧ କରିବା । କାରଣ ଆମେ ଏ ଦେଶ ସହିତ ଲଢ଼ିବା ନାହିଁ । ଏ ସମ୍ବନ୍ଧରେ ପବିତ୍ର କୋରାନ୍‌ରେ କୁହାଯାଇଛି ଯେ ଯଦି ତୁମେ ଏପରି ଦେଶରେ ରହି ନପାରିବ ଯେଉଁଠି ତୁମ ଉପରେ ଅତ୍ୟାଚାର ହେଉଅଛି ତେବେ ତୁମେ ସେଠାରୁ ହିଜ୍‌ରତ୍ କରିଚାଲିଯାଅ । ସେଥିଯୋଗୁ ତ ଆପଣମାନେ ହିଜ୍‌ରତ୍ କରି ଏଠାକୁ ଆସିଛନ୍ତି । ସେଠାରେ ଅତ୍ୟାଚାରକୁ ସହି ପାରୁନାହାଁ । ତେଣୁ ଏଠାକୁ ଆସିଅଛ । କିନ୍ତୁ ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ ଅତ୍ୟାଚାରକୁ ସହ୍ୟ କରିନେଉଛନ୍ତି ଏବଂ ସେମାନେ ସେଠାରେ ଅଛନ୍ତି । ତେବେ ଯଦି ତୁମର ଏ ପ୍ରଶ୍ନ ଯେ ଆମେ ସେମାନଙ୍କ ସହିତ ଯୁଦ୍ଧ କରିପାରିବା ତେବେ ଏହାର ଉତର ହେଉଛି ଆମ୍ଭେ ଯୁଦ୍ଧ କରିପାରିବା ନାହିଁ କାରଣ ସେଠାରେ ଆମର ସରକାର ନାହିଁ । ହଁ ଯଦି କେବେ ଅହେମଦୀଙ୍କ ପାଖରେ କୌଣସି ଦେଶ ହେବ ଏବଂ ସେଠାରେ ଅହେମଦୀମାନଙ୍କର ସରକାର ରହିବ ଓ ତା ପରେ ତା ଉପରେ କୌଣସି ଅନ୍ୟ ସରକାର ଆକ୍ରମଣ କରିବ ତେବେ ସେହି ଯୁଦ୍ଧର ଉତର ମଧ୍ୟ ଦିଆଯିବ ।

ଜଣେ ୱାକିଫେ ନୌ ଖାଦିମ୍ ପ୍ରଶ୍ନ କରି କହିଲେ ଗଏର୍ ଅହେମଦୀ ମୁସଲ୍‌ମାନ୍ ପ୍ରଶ୍ନ କରୁଛନ୍ତି ଯେ ଅହେମଦୀ ଓ ଅନ୍ୟ ମୁସଲ୍‌ମାନ ମାନଙ୍କ କୋରାନ୍ ଅଲଗା ଅଲଗା ବୋଲି । ତେବେ ଆମେ ତାଙ୍କୁ କଣ ଉତର ଦେବୁ ଓ କହିବୁ ଯେ ଆମ କୋରାନ୍‌ର ଠିକ୍ ଅଛି ବୋଲି ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମେ ଏହା ତ କେବେ କହୁନାହୁଁ ଯେ ଆମ କୋରାନ ଅଲଗା ଏବଂ ସେମାନଙ୍କର ଅଲଗା ବୋଲି । ସେମାନଙ୍କୁ କହିଦିଅ ଯେ ତୁମର ଯେଉଁ କୋରାନ୍ ଅଛି ତାକୁ ହିଁ ଆମେ ପଢୁଛୁ । ଏଠାରେ ପଚାଶ ପ୍ରତିଶତ ଏପରି ଲୋକ ଅଛନ୍ତି ଯାହାଙ୍କ ପାଖରେ ତୁର୍କୀରେ ମୁଦ୍ରଣ ହୋଇଥିବା କୋରାନ୍ ଅଛି ବା ଅନ୍ୟାନ୍ୟ ଯାଗାରେ ଛପା ହୋଇଥିବା କୋରାନ୍ ଅଛି । ପାକିସ୍ତାନ୍‌ରେ ଗୋଟିଏ ତାଜ୍ କମ୍ପାନୀ ଥିଲା । ମୁଁ ପିଲାଦିନୁ ସେଇ କମ୍ପାନୀ ଦ୍ୱାରା ଛପା ହୋଇଥିବା କୋରାନ୍ ପଢ଼ି ଆସୁଛି । ତେଣୁ ଆମେ ତ ସେହି କୋରାନ୍‌କୁ ପଢୁଛୁ ଯାହାକୁ ଅନ୍ୟ ଗଏର୍ ଅହେମଦୀ ପଢୁଛନ୍ତି । ହଁ ତଫସିର୍ ଭିନ୍ନ ଭିନ୍ନ ହୋଇଥାଏ ।...

ଏହାପରେ ଜଣେ ୱାକ୍‌ଫେ ନୌ ପ୍ରଶ୍ନ କଲେ ଯେ ହଜୁର୍ ଅନୁୱର୍ ବିଗତ ଖୁତ୍‌ବା ରେ ନମାଜର ଗୁରୁତ୍ୱ ବିଷୟରେ କହିଲେ କି ନମାଜ ବାଯମାତ୍ ପାଠ କରାଯାଉ । ଯଦି ନମାଜ ସେଂଟର୍ ଦୁର ଅଛି ବା ଆମେ ଏକୁଟିଆ ଅଛେ ବା କାମ ଯୋଗୁଁ କାମ ଯୋଗୁଁ ନମାଜ ବାଯମାତ ପଢ଼ିପାରୁନାହୁଁ ତେବେ ଏପରି ପରିସ୍ଥିତିରେ କଣ କରିବାକୁ ହେବ ? ଏହାର ଉତରରେ ହଜୁର୍ ଅନୁୱର୍ କହିଲେ ଯଦି ଏକୁଟିଆ ଅଛ ଆଉ କେହି ନାହାନ୍ତି ତେବେ ତ ଏହା ମଜବୁରି ଅଟେ । ମୁଁ ମଧ୍ୟ ଏହା କହିଥିଲି ଯେ ଯଦ କୌଣସି ମଜବୁରୀ ଅଛି ତେବେ ତ କଥା ଅଲଗା ନଚେତ୍ ଅଧିକରୁ ଅଧିକ ଚେଷ୍ଟା କରନ୍ତୁ ଯେ ନମାଜକୁ ଯମାତ୍ ସହିତ ପାଠ କରିବେ । ହଦିସ୍‌ରେ ମଧ୍ୟ ଆସିଛି ଯେ ଯଦି ତୁମେ ମରୁଭୂମିରେ ଯାଉଅଛ ଏବଂ ନମାଜର ସମୟ ହୋଇଯାଇଛି ତେବେ ତୁମେ ସେଠି ଅଜାନ୍ ଦେଇଦିଅ ଯଦିଚ କେହି ତୁମକୁ ସେଠାରେ ଦୃଷ୍ଟିଗୋଚର ହେଉନାହାଁନ୍ତି । ହୋଇପାରେ କୌଣସି ଭୁଲିଯାଇଥିବା ଯାତ୍ରୀ କୌଣସି ଛୋଟ ମୁଣ୍ଡିଆ ତଳେ ବସିଥିବ ଏବଂ ତୁମ ଅଜାନ ଶୁଣି ଆସି ତୁମ ସହିତ ନମାଜ ପଢ଼ିନେବ । କିନ୍ତୁ ଏଠାରେ ଯଦି ତୁମେ ଅଜାନ୍ ଦେବ ତ ତୁମପାଇଁ କଷ୍ଟକର ହୋଇପଡ଼ିବ । ତେଣୁ ନିଜ ନିଜର ନମାଜ ପଢ଼ିନିଅ । କିନ୍ତୁ ଚେଷ୍ଟା କର ବାଜମାତ ନମାଜ ପଢ଼ିବା ପାଇଁ । କୌଣସି ବାହାନା କରନାହିଁ । ଯଦି ଘରେ ଅଛ ତେବେ ଘରେ ଅଛ ତାହାହେଲେ ଭାଉ ଭଉଣୀ ଓ ସ୍ତ୍ରୀ ପିଲା ମାନଙ୍କ ସହିତ ମଧ୍ୟ ନମାଜ ପଢ଼ିପାରିବ ।

ସେହି ୱକ୍‌ଫେ ନୌ ଖାଦିମ୍ ପଚାରିଲେ ଯେ ହଦିସ୍‌ରେ ଆସୁଛି ତିନୋଟି ଜୁମା ନପଢ଼ିଲେ ହୃଦୟ କଳା ପଡ଼ିଯାଏ ।

ଏଥିରେ ହଜୁର୍ ଅନୁୱର୍ କହିଲେ ଚେଷ୍ଟା କର ଆପଣମାନେ ଗୋଟିଏ ଦୁଇଟି ଜୁମା ପରେ ଆଉ ଜୁମାଟି ନିଶ୍ଚିତ ରୂପେ ପଢ଼ିନେବ । କେବେ କେବେ ନିଜ କାମ କରୁଥିବା ଯାଗାରେ କହିପାରିବ ଯେ ମୋତେ ଏତେ ସମୟ ପାଇଁ ଛୁଟି ଦିଆଯାଉ । ସୁତରାଂ ଅଧିକାଂଶ ଏମ୍‌ପ୍ଲୋୟରସ ଏବଂ ମାଲିକମାନେ ଛୁଟି ଦେଇ ଦିଅନ୍ତି । କିନ୍ତୁ ଯେଉଁଠି ମଜବୁରି ଅଛି ସେଠି ଅଲ୍ଲାଃତାଲାଙ୍କର କରୁଣା ମଧ୍ୟ ବହୁତ ବିଶାଳ ଅଟେ । ଅଲ୍ଲାଃତାଲା ଗୋଟିଏ ଅସଲ କଥା ବତାଇଛି । ଯଦି ବାସ୍ତବିକ ମଜବୁରୀ ଅଛି ତେବେ ମନୁଷ୍ୟ ଦାୟିତ୍ୱମୁକ୍ତ ହୋଇଯାଏ । ଅଲ୍ଲାଃତାଲା ପୁଣି କ୍ଷମା କରିଦିଅନ୍ତି । କିନ୍ତୁ ଏପରି କଥାର ବାହାନା କରିବା ଉଚିତ୍ ନୁହେଁ ।

ଆଉ ଜଣେ ୱାକିଫେ ନୌ ଖାଦିମ୍ ପଚାରିଲେ ଯେ ମୋ ପ୍ରଶ୍ନ ହେଉଛି ଅଙ୍ଗଦାନ ବିଷୟରେ କଣ ନିର୍ଦ୍ଦେଶ ଅଛି ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଅଙ୍ଗଦାନ ହୋଇପାରିବ । ମୃତ୍ୟୁ ପରେ ଲୋକେ ଆଖି ଦାନ କରିଥାନ୍ତି, ବୃକକ୍ ଦାନ କରିଥାନ୍ତି । ବରଂ କିଛି ଲୋକ ନିଜ ଜୀବଦଶାରେ ବୃକକ୍ ଦେଇଦେଉଛନ୍ତି ବା ଅନ୍ୟ କୌଣସି ଜିନିଷ ଦେଉଛନ୍ତି ଯାହା ମନୁଷ୍ୟ ପାଇଁ ଲାଭ ଦାୟକ ହୋଇପାରିବ । ଯଦି କେହି କୁର୍‌ବାନୀ (ତ୍ୟାଗ) ଦେବାପାଇଁ ପ୍ରସ୍ତୁତ ଅଛି ତେବେ ଏଥିରେ କୌଣସି ଅସୁବିଧା ନାହିଁ ।

ଏଥିରେ ସେହି ଖାଦିମ୍ ଜରକ ପଚାରିଲେ ଯେ ଏହା କରିବା ଦ୍ୱାରା କିଛି ଲୋକ ଏତେରାଜ୍ କରୁଛନ୍ତି ଯେ ମୃତ୍ୟୁ ପରେ ମସ୍ତିଷ୍କ ମୃତ ହୋଇଯାଏ । କିନ୍ତୁ ଅଙ୍ଗ ଜୀବିତ ରହେ । ସେଥିଯୋଗୁଁ ଆତ୍ମାକୁ କଷ୍ଟ ହୋଇପାରେ

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପ୍ରଶ୍ନ ହେଉଛି ଯଦି ନିଜ ଜୀବନରେ କୌଣସି ଲୋକ କିଡ୍‌ନୀ ବାହାର କରିଦେଉଅଛି କେତେକ ଲୋକ ନିଜ କିଡ୍‌ନୀକୁ ନିଜ ନିକଟ ସମ୍ପର୍କୀୟ ମାନଙ୍କୁ ଦେଇଦେଉଛନ୍ତି ବା ଗରିବ ଦେଶମାନଙ୍କର କିଛି ଗରିବ ଲୋକ ନିଜର କିଡ୍‌ନୀକୁ ବିକ୍ରୀ କରିଦେଉଛନ୍ତି ଯେପରି ଇଣ୍ଡିଆ ଓ ପାକିସ୍ତାନରେ ଲୋକମାନେ ବିକ୍ରି କରୁଛନ୍ତି ତେବେ ଏପରି ଲୋକମାନେ ନିଜ ଜୀବନରେ ହିଁ ଏହା କରୁଛନ୍ତି । ଅସଲ କଥା ହେଉଛି ଯେ ଏପରି ଅଙ୍ଗ ତେବେ ଯାଇ କାମ ଆସିବ ଯେବେ ତାର ଲାଭ ହେବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏଠି ଆତ୍ମାର ପ୍ରଶ୍ନ ହିଁ ଉଠୁନାହିଁ । ମୃତ୍ୟୁପରେ ଆତ୍ମାର ଧଡ ସହିତ କିଛି ସମ୍ପର୍କ ରହେନାହିଁ । ଯେତେବେଳେ ଡାକ୍ତର ଏହା ଘୋଷଣା କରିଦେଲେ ଯେ ଏ ମନୁଷ୍ୟ ମରିଯାଇଛି ବୋଲି ତା ପରେ ମଧ୍ୟ କିଛି ସମୟ ପର୍ଯ୍ୟନ୍ତ ମନୁଷ୍ୟର କିଛି ଅଙ୍ଗ ପ୍ରତ୍ୟଙ୍ଗ ଫଙ୍କ୍‌ସନ୍ କରୁଥାଏ । ଏହି ସମୟ ଭିତରେ ଯଦି ଆଖି ବାହାର କରିଦିଆଯାଏ ବା ଅନ୍ୟ କୌଣସି ଏପରି ଅଙ୍ଗ ବାହାର କରିଦିଆଯାଏ,

ଯାହାଦ୍ୱାରା ଅନ୍ୟକୁ ଲାଭ ପହଂଚି ପାରିବ ତେବେ ଲାଭ ପହଂଚାଓ । ପରିଶେଷରେ ସମସ୍ତ ବସ୍ତୁକୁ ଦିନେ ମରିବାକୁ ହେବ । ଯଦି ମସ୍ତିଷ୍କ ମରିଯାଇଛି ତ କିଛି ସମୟପରେ ଅନ୍ୟାନ୍ୟ ଅଙ୍ଗଗୁଡ଼ିକ ମଧ୍ୟ ସ୍ୱତଃ ଶେଷ ହୋଇଯିବେ । ତେବେ ଆମେ ସେହି ଅଙ୍ଗ ଗୁଡିକୁ ନିଃଶେଷ ହୋଇଯିବ ପୂର୍ବରୁ କୌଣସି ମନୁଷ୍ୟର ଜୀବନ ବଂଚାଇବା ପାଇଁ କାହିଁକି ବ୍ୟବହାର ନକରିବା ? ତେଣୁ ଯେଉଁ ଲୋକମାନେ ଏପରି ଅଭିଯୋଗ କରୁଛନ୍ତି ଭୁଲ୍ ସେମାନେ କରୁଛନ୍ତି ।

ଜଣେ ୱାକ୍‌ଫେ ନୌ ଖାଦିମ୍ କହିଲେ ଯେ ମୋର ଗୋଟିଏ ୱାକିଫା ନୌ ବେଟି ମଧ୍ୟ ଅଛନ୍ତି । ଜଣେ ବାପା ହିସାବରେ ନିଜର ୱାକିଫିନେ ନୌ ପିଲାମାନଙ୍କର କିପରି ଧ୍ୟାନ ରଖିବାକୁ ହେବ ? ଏଥିରେ ହଜୁର୍ ଅନୱର୍ କହିଲେ ସର୍ବପ୍ରଥମେ ନିଜେ ନମାଜ ପଢ଼ନ୍ତୁ ଏବଂ ଦୁଆ କରନ୍ତୁ ଯେ ଅଲ୍ଲାଃତାଲା ଆପଣମାନଙ୍କର ମଧ୍ୟ ଇସଲାହ କରି ପ୍ରକୃତ ୱକ୍‌ଫେ ନୌ ବନାନ୍ତୁ । ଏବଂ ପିଲାମାନଙ୍କୁ ମଧ୍ୟ ସଠିକ୍ ତରବିୟତ୍ କରି ଗଢ଼ି ତୋଳନ୍ତୁ । ଯଦ୍ୱାରା ଆପଣମାନେ ଏହି ଦେଶ, ଜାତି ଓ ଯମାତ ପାଇଁ ଗୋଟିଏ ଉତମ ସମ୍ପତି ତିଆରି କରିପାରିବେ ।

ଜଣେ ୱକ୍‌ଫେ ନୌ କହିଲେ ଯେ ସୁଫିମାନଙ୍କର କଥନ ଅଛି ଯେ ମୋମିନ୍ ଗୋଟିଏ ପକ୍ଷୀ ସଦୃଶ ହୋଇଥାଏ । ହଜରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ କହିଛନ୍ତି ଯେ ମୋମିନ୍ ଏହି ଦୁନିଆରେ ତ ଥାଏ କିନ୍ତୁ ସେ ଏହି ଦୁନିଆର ହୁଏନାହିଁ । ମୋର ପ୍ରଶ୍ନ ହେଉଛି ଯେ ଆମକୁ କିପରି ଜଣାପଡ଼ିବ ଯେ ଆମେ ସଂସାରପ୍ରତି ଅଧିକ ଧ୍ୟାନ ଆକର୍ଷଣ କରୁଅଛୁ । ଏବଂ ଆଧାତ୍ମିକତାଠାରୁ ଦୁରେଇ ଯାଉଛୁ ?

ଏଥିରେ ହଜୁର୍ ଅନୱର୍ ଅ:ବ:ଅ କହିଲେ ଆପଣଙ୍କୁ ଏହି ସାଧାରଣ କଥା ଜଣାନାହିଁ । ଯଦି ଆପଣମାନଙ୍କୁ ପାଂଚବେଳା ବାଯମାତ ବା ସଠିକ୍ ସମୟରେ ନମାଜ ପଢ଼ିବା ପାଇଁ ଧ୍ୟାନ ଆକର୍ଷଣର ଚିନ୍ତା ହେଉନାହିଁ, ଯଦି ଆପଣମାନଙ୍କୁ ନଫିଲ୍ ପଢ଼ିବା ପାଇଁ କୌଣସି ଚିନ୍ତା ହେଉନାହିଁ, ଯଦି ଭକ୍ତଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ କୌଣସି ଚିନ୍ତା ନାହିଁ, ଯଦି ପ୍ରତ୍ୟେକ ସମୟରେ ମନରେ ଭାବନା ରହୁନାହିଁ ଯେ ଅଲ୍ଲାଃତାଲା ମୋତେ ଦେଖୁଅଛନ୍ତି ମୁଁ କୌଣସି ଭୁଲ୍ କାମ କରିବିନାହିଁ, ତେବେ ଏହାର ଅର୍ଥ ହେଉଛି ଆପଣ ଅଲ୍ଲାଃଙ୍କ ଆଡ଼କୁ ବହୁତ କମ୍ ଯାଉଛନ୍ତି ଏବଂ ସଂସାର ଆଡ଼କୁ ଅଧିକା ଯାଉଛନ୍ତି । ଏହା ତ ନିଜେ ଆପଣମାନେ ନିଜର ତଦନ୍ତ କରିନିଅନ୍ତୁ । ଆପଣମାନେ ଦୀନ୍‌କୁ ସଂସାର ଉପରେ ଅଗ୍ରାଧିକାର ଦେବାପାଇଁ ଶପଥ ନେଇଛନ୍ତି । ସୁଫିମାନଙ୍କର କଥା ତ ପରକଥା । ଦୀନ୍ କୁ ଦୁନିଆ ଉପରେ ଅଗ୍ରାଧିକାର ଦେବାପାଇଁ ଯେଉଁ ଶପଥ ଅଛି ତାକୁ ଦେଖିନିଅ, ଏବଂ ନିଜେ ନିଜକୁ ଅନୁଧ୍ୟାନ କରିନିଅ ଯେ କଣ ଆପଣମାନେ ଏହା ଉପରେ କାର୍ଯ୍ୟ କରୁଛନ୍ତି ? ବା ଆପଣମାନେ ଅଲ୍ଲାଃତାଲାଙ୍କର ଉପାସନାର ହକ୍ ପ୍ରଦାନ କରୁଛନ୍ତି ? କଣ ଆପଣଙ୍କର ପ୍ରତ୍ୟହ ଯେଉଁ କାର୍ଯ୍ୟ ଅଛି ତାହା ସବୁ ସେହି ଶିକ୍ଷା ମୁତାବକ ଅଟେ ଯାହା ଅଲ୍ଲାଃ ଏବଂ ତାର ରସୁଲ୍ ନିର୍ଦ୍ଦେଶ ଦେଇଛନ୍ତି ? ଏହା ତ ମନୁଷ୍ୟ ନିଜେ ନିଜର ଅନୁଧ୍ୟାନ କରିପାରିବ ।....

ହଜୁର୍ କହିଲେ ଏଥିରେ ହିସାବ କରିବାର କଣ ଅଛି । ୧+୧=୨ ହିଁ ହେବ । ଏଠିକାର ଲୋକମାନଙ୍କର ପ୍ରଶ୍ନ ପଚାରିବାର ଅଭ୍ୟାସରେ ପଡ଼ିଯାଇଛି ତେବେ ଏହିପରି ଉତର ମିଳିଯିବ । କିନ୍ତୁ କିଛି ପ୍ରଶ୍ନର ଉତର ଏପରି ନୁହେଁ । ଆଧାତ୍ମିକତା ଏକ ଭିନ୍ନ କଥା । ଆଧାତ୍ମିକତା ପାଇଁ ପ୍ରଥମ କଥା ହେଉଛି ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ । ନିଜର ଅନୁଧ୍ୟାନ କରନ୍ତୁ ଯେ ଏ ସମ୍ପର୍କ ଅଛି ତ ?...

ସେ ପୁଣି ପଚାରିଲେ ଦୁନିଆ ତ ଗୋଟିଏ ମାୟା ନଗରୀ ଅଟେ । ଆମେ ବେଳେବେଳେ ଗୋଟିଏ ଛୋଟିଆ କଥାକୁ ବହୁତ ବଡ଼ ଭାବି ନେଉଛୁ । ପ୍ରକୃତରେ ଅସଲ ଜୀବନ ତ ପରେ ଆସିବ ।

ଏଥିରେ ହଜୁର୍ କହିଲେ ଏଥିରେ ମାୟାର କଣ କଥା ଅଛି । ସଂସାର ତ ଆପଣଙ୍କର ସାମ୍ନାରେ ଦୃଷ୍ଟିଗୋଚର ହେଉଛି । ଆପଣମାନେ ଛୋଟିଆ ଜିନିଷକୁ ଏଇଥିପାଇଁ ବଡ଼ କରିଦେଉଛନ୍ତି ଯେ ଏ ସଂସାର ଆପଣଙ୍କ ସାମ୍ନାରେ ଦେଖାଯାଉଛି କିନ୍ତୁ ଗଏବ୍ (ଯାହା ଦେଖାଯାଉନାହିଁ)ର ଜ୍ଞାନ ଆପଣମାନଙ୍କୁ ଦିଆଯାଇନାହିଁ । ଅଲ୍ଲାଃତାଲାଙ୍କ ଉପରେ ଯେଉଁ ବିଶ୍ୱାସ ହେବା କଥା ତାହା ହୋଇପାରୁନାହିଁ । ସେଇଥିଯୋଗୁଁ ସଂସାର ପ୍ରତି ଧ୍ୟାନ ଆକର୍ଷଣ ହେଉଛି । ଯଦି ଆମେ ଏହା ଭାବିବା ଯେ ମୃତ୍ୟୁ ପରେ ଯେଉଁ ଜୀବନ ଅଛି ତାହା ସବୁଦିନ ପାଇଁ ଅଟେ । ଏବଂ ଅଲ୍ଲାଃତାଲା ଆମଠାରୁ ହିସାବ ନେବ ଓ ଅଲ୍ଲାଃତାଲା ଆମ ସମସ୍ତ କର୍ମକୁ ଦେଖୁଛନ୍ତି । ତେବେ ଯାଇ ମନୁଷ୍ୟ ନିଜର ଜୀବନକୁ ଅଲ୍ଲାଃତାଲାର ନିର୍ଦ୍ଦେଶ ମୁତାବକ ବିତାଇବା ପାଇଁ ଚେଷ୍ଟା କରିବ । କାରଣ ଏ ଦୁନିଆର ଫଳ ପରକାଳରେ ମିଳିବ । ପବିତ୍ର କୋରାନ୍‌ରେ ଯେଉଁ ଦୁଇଟି ଜନ୍ନତ କଥା କୁହାଯାଇଛି ତାହା ଏହା ହିଁ ଅଟେ । ଏ ସଂସାରକୁ ମଧ୍ୟ ଜନ୍ନତ ବନାଓ ଏବଂ ତାହା ସେତେବେଳେ ହୋଇପାରିବ, ଯେତେବେଳେ ଅଲ୍ଲାଃ ଏବଂ ତା ରସୁଲ୍‌ର ନିର୍ଦ୍ଦେଶ ଅନୁସାରେ ଅମଳ କରିବ । ଏବଂ ଅଲ୍ଲାଃ ଏବଂ ତାଙ୍କ ଭକ୍ତଙ୍କର୍ ହକ୍‌କୁ ପ୍ରଦାନ କରିବ । ତେବେ ଯାଇ ପରକାଳରେ ଅଲ୍ଲାଃତାଲା ପୁରସ୍କାର ଦେବ ।...

ଏହାପରେ ୱାକ୍‌ଫେ ନୌ ଖାଦିମ୍ ପଚାରିଲେ ଯେ ମୋ ପ୍ରଶ୍ନ ସେହି ୱାକ୍‌ଫିନ୍ ନୌ ମାନଙ୍କ ବିଷୟରେ ଯେଉଁମାନେ ପାକିସ୍ତାନରୁ ଆସିଛନ୍ତି ସେମାନଙ୍କ ମଧ୍ୟରୁ କିଛି ଯାମିଆରେ ଶିକ୍ଷା ଲାଭ କରି କୌଣସି କାରଣରୁ ଶିକ୍ଷା ସମ୍ପୂର୍ଣ୍ଣ କରିପାରିନାହାଁନ୍ତି ସେମାନଙ୍କ ପାଇଁ କଣ ନିର୍ଦ୍ଦେଶ ଅଛି ? ସେମାନେ କିପରି ଯମାତ୍ ପାଇଁ ଲାଭ ଦାୟକ ବ୍ୟକ୍ତି ହୋଇପାରିବେ ।

ଏଥିରେ ହଜୁର୍ ଅନୱର୍ କହିଲେ ସେମାନଙ୍କ ପାଇଁ ସେହି ନିର୍ଦ୍ଦେଶ ଯାହାକୁ ବର୍ତମାନ ହସନାତ୍ ସାହେବ୍ ଏଠି ନିଜ ବକ୍ତବ୍ୟରେ କହିଲେ । ସେହି ୱାକ୍‌ଫିନ୍ ନୌ ଯେଉଁମାନେ ଯମାତ୍‌ର ଚାକିରି କରିନାହାଁନ୍ତି ବା ଯମାତ୍‌ର ପେ ରୋଲ୍ ରେ ନାହାଁନ୍ତି ସେମାନେ ମଧ୍ୟ ନିଜକୁ ୱାକ୍‌ଫ ବୋଲି ଭାବନ୍ତୁ ଏବଂ ସେବା କରି ଚାଲନ୍ତୁ । ଏଠାରେ ତବ୍‌ଲିଗ୍‌ର ମଇଦାନ୍ ଉନ୍ମୁକ୍ତ ଅଛି । ତବ୍‌ଲିଗ୍ କରନ୍ତୁ ।....

**ୱାକିଫାତେ ନୌ ଙ୍କ ସହିତ କ୍ଲାସ**

ଏହାପରେ ପ୍ରୋଗ୍ରାମ୍ ମୁତାବକ ୱାକିଫାତେ ନୌ (ଲଜନା)ଙ୍କର ହଜୁର୍ ଅନୱର୍‌ଙ୍କ ସହିତ ପ୍ରୋଗ୍ରାମ ଆରମ୍ଭ ହେଲା । ପ୍ରୋଗ୍ରାମ୍ର ଶୁଭାରମ୍ଭ ପବିତ୍ର କୋରାନ୍ ପଠନ ଦ୍ୱାରା ହେଲା ଯାହାକୁ ଅଜିଜା ତନ୍‌ଜିଲା ଖାଲିଦ୍ ସାହିବା ପାଠ କଲେ । ଏବଂ ଏହା ଉର୍ଦ୍ଦୁ ଅନୁବାଦ ଅଜିଜା ନବିଲା ଅହେମଦ୍ ସାହିବା ଉପସ୍ଥାପନ କଲେ ।

ଏହାପରେ ଅଜିଜା ମଲିହା ନାସିର୍ ସାହିବା ଆଁ ହଜରତ୍ ସ:ଆ:ସ ଙ୍କ ପବିତ୍ର ହଦିସ୍ ଆରବୀ ଭାଷାରେ ଉପସ୍ଥାପନ କଲେ ଯାହାର ଅନୁବାଦ ଅଜିଜା ଜିହା ନାଜିଶ୍ ସାହିବା ନିମ୍ନରେ ଉପସ୍ଥାପନ କଲେ:-

‘‘ ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ଆଁ ହଜରତ୍ ସ:ଆ:ସ କହିଲେ ଅଲ୍ଲାଃତାଲା ତୁମର ଶରୀରକୁ ଦେଖୁନାହିଁ ଏବଂ ନା ତୁମର ଚେହେରାକୁ ଦେଖୁଅଛି (ଯେ ଏହା କେତେ ସୁନ୍ଦର ବା ଅସୁନ୍ଦର ବୋଲି) ବରଂ ସେ ତୁମର ହୃଦୟକୁ ଦେଖୁଅଛି (ତା ଭିତରେ କେତେ ନିଷ୍ଠା ଓ କେତେ ଭଲ ନିୟତ ଅଛି)- (ମୁସ୍‌ଲିମ କିତାବୁଲ୍ ବିର୍‌ର...)

ଏହାପରେ ଅଜିଜା ତାହିରା ଅହେମଦ୍ ସାହିବା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିମ୍ନଲିଖିତ ଇକ୍‌ତେବାସ୍ ଉପସ୍ଥାପନ କଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- ‘‘ଅଲ୍ଲାଃଙ୍କର ଭୟ ସେଥିରେ ଅଛି ଯେତେବେଳେ ମନୁଷ୍ୟ ଦେଖେ ଯେ ତାର କଥନ ଓ କାର୍ଯ୍ୟ କିପରି ଗୋଟିଏ ଅନ୍ୟ ସହିତ ମେଳ ଖାଉଛି । ପୁଣି ଯେତେବେଳେ ଦେଖେ ଯେ ତାର କଥନ ଓ କାର୍ଯ୍ୟ ବରାବର୍ ନାହିଁ ତେବେ ସେ ବୁଝିନେବ ଯେ ଅଲ୍ଲାଃତାଲାଙ୍କର କୋପର ସେ ଶିକାର ହେବ । ଯେଉଁ ହୃଦୟ ଅପବିତ୍ର ତାର କଥା କେତେ ହିଁ ପବିତ୍ର ହେଉନା କାହିଁକି ସେହି ହୃଦୟ ଖୁଦାଙ୍କ ନିକଟରେ ମୁଲ୍ୟହୀନ ଅଟେ ବରଂ ଖୁଦାତାଲାଙ୍କର କୋପ ତା ଉପରେ ରହିବ । ତେଣୁ ମୋ ଯମାତ୍‌ର ଲୋକମାନେ ଜାଣିନିଅନ୍ତୁ ସେମାନେ ମୋ ପାଖକୁ ଏଥିପାଇଁ ଆସିଛନ୍ତି ଯେ ଗଛ ଲଗାଯାଇପାରିବ । ଯେଉଁଥିରୁ ଫଳନ୍ତି ଗଛ ସୃଷ୍ଟି ହୋଇପାରିବ । ତେଣୁ ପ୍ରତ୍ୟେକ ନିଜର ଭିତରକୁ ଦେଖି ଅନୁଧ୍ୟାନ କରନ୍ତୁ ଯେ ତାଙ୍କର ଭିତରଟା କିପରି ଅଛି ଏବଂ ତାଙ୍କ ଅନ୍ତରର ଅବସ୍ଥା କିପରି ଅଛି ? ଖୁଦା ନ କରନ୍ତୁ ଯଦି ଆମ ଯମାତ୍ ର ଲୋକମାନଙ୍କ କଥା ଏବଂ ହୃଦୟର କଥାରେ ମେଳ ଖାଉନାହିଁ ତେବେ ପରିଣାମ ଭଲ ହେବନାହିଁ ।... (ମଲଫୁଜାତ୍ ଖଣ୍ଡ-୧, ପୃଷ୍ଠା-୮)

ଏହାପରେ ଅଜିଜା ସମୀନା ଜଫର୍ ସାହିବା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ମନଜୁମ କଲାମ୍ –

*ଅହେଦେ ଶିକନି ନା କରୋ*
*ଅହେଲେ ୱଫା ହୋ ଯାଓ*
*ଅହେଲେ ଶଏତାଁ ନା ବନୋଁ*
*ଅହେଲେ ଖୁଦା ହୋ ଯାଓ*

ର କିଛି ନିର୍ବାଚିତ ପଦ ପରିବେଶଣ କଲେ ।

ଉପରାନ୍ତ ଅଜିଜା ଅର୍ଫିଫା ଅହେମଦ୍, ଅଜିଜା ସାଦିଆ ନଶିର୍, ଅଜିଜା ସଦଫ୍ ନଫିଜ୍ ଏବଂ ଅଜିଜା ମନସୁର୍ ହିନା ସାହିବା ‘ୱାକିଫାତେ ନୌ କି ଜିମ୍ମେଦାରିଆଁ’

ବିଷୟରେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପସ୍ଥାପନ କଲେ ।

**ୱାକିଫାତେ ନୌ କି ଜିମ୍ମେଦାରିଆଁ**

ସୟଦି ପ୍ରିୟ ଆକା ଅ:ବ:ଅ ! ଖୁଦାତାଲାଙ୍କ ଦୟାରୁ ଆଜି ଏହି କ୍ଲାସ୍‌ରେ ଏପରି ୱାକିଫାତ୍ ନୌ ମାନଙ୍କୁ ସାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ ହେଉଅଛି । ଯେଉଁମାନେ ନିଜର ଶିକ୍ଷା ସମ୍ପୂର୍ଣ୍ଣ କରି ପୁନର୍ବାର ତଜଦିଦ୍ ୱକ୍‌ଫ କରି ଏହି କଥାର ଶପଥ କରିଛନ୍ତି ଯେ ସେମାନେ ଖୁଦାତାଲାଙ୍କ ଦୀନ୍‌ର ସେବା କରିବା ପାଇଁ ସବୁବେଳେ ଚେଷ୍ଟା କରି ଚାଲିବେ । ଏହା ଆମପାଇଁ ବଡ଼ ସୌଭାଗ୍ୟର କଥା ଯେ ଆମ ମା' ବାପା ମାନେ ଆମକୁ ଦୀନ୍‌ର ସେବା କରିବା ପାଇଁ ଉପସ୍ଥାପନ କରିଛନ୍ତି । ଆମର ତରବିୟତ୍ ଏପରି କରିଛନ୍ତି ଯେ ଆଜି ଆମେ ନିଜକୁ ଖଲିଫାଙ୍କ ସମ୍ମୁଖରେ ଉପସ୍ଥାପନ କରୁଅଛୁ । ପ୍ରିୟ ଆକାଙ୍କ ନିକଟରେ ଦରଖାସ୍ତ ଯେ ଦୁଆ କରନ୍ତୁ । ଖୁଦାତାଲା ଆମ ମା' ବାପାଙ୍କର ଏହି କୁର୍‌ବାନୀକୁ ଗ୍ରହଣ କରନ୍ତୁ ଏବଂ ଆମକୁ ଅଧିକ ରୁ ଅଧିକ ଦୀନ୍ ର ସେବା ନିମନ୍ତେ ଶକ୍ତି ପ୍ରଦାନ କରିଚାଲନ୍ତୁ । ଆମିନ୍ ।

ମୋର ପ୍ରିୟ ୱାକିଫାତେ ନୌ ଭଉଣୀମାନେ ! ଏହା ଆମର ସୌଭାଗ୍ୟ ଯେ ଆମକୁ ପିଲାଦିନୁ ଯୁଗ ଖଲିଫାଙ୍କ ମାର୍ଗ ଦର୍ଶନରେ ପରିଚାଳିତ ହେବାପାଇଁ ଅବସର ମିଳିଛି । ପ୍ରିୟ ଆକା ଆମ ବୟସର ପ୍ରତ୍ୟେକ ମୋଡ଼ରେ ଆମର ତରବିୟତ୍ କରିଛନ୍ତି । ୨୦୧୨ ମସିହାର ସାଲାନା ଇଜିତିମା ୟୁ.କେ ଅବସରରେ ଆପଣ କହିଲେ ''ଆପଣମାନଙ୍କ ମଧ୍ୟରୁ ବହୁତ ୱାକିଫାତେ ନୌ ପ୍ରାପ୍ତ ବୟସ୍କ ହୋଇସାରିଛନ୍ତି । ଏହିପରି ନିଜେ ଏହି ଶପଥକୁ ଜାରି ରଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଯାହାକୁ ଆପଣଙ୍କ ମା' ବାପା ଆପଣଙ୍କ ଜନ୍ମ ପୂର୍ବରୁ କରିଥିଲେ । ଆପଣ ସମସ୍ତଙ୍କୁ ଏହା ମନେରଖିବା ଉଚିତ୍ ଯେ କେବଳ ସେହି ଜୀବନ ସଫଳତା ଲାଭ କରିବା ଯାହା ଅଲ୍ଲାଃତାଲାଙ୍କ ସାନିଧ୍ୟ ଓ ସନ୍ତୁଷ୍ଟି ନିମନ୍ତେ ବିତାଯାଇଥାଏ । ଜଣେ ୱାକିଫାତେ ନୌ ଝିଅ ହୋଇଥିବା ଯୋଗୁଁ ଆପଣମାନଙ୍କ ସର୍ବଦା ଏକଥା ମନେ ରଖିବା ଉଚିତ୍ ଯେ ଆପଣମାନଙ୍କର ଅସ୍ତିତ୍ୱ ହଜରତ୍ ମରିୟମ୍ ଆ:ସ ଙ୍କ ଅସ୍ତିତ୍ୱ ପରି ଅଟେ । ଅନ୍ୟ ଭାଷାରେ ଏପରି କହିବାକୁ ହେବ ଯେ ସବୁବେଳେ ତାଙ୍କର କାର୍ଯ୍ୟ ଓ କାର୍ଯ୍ୟ କରିବାର ଶୈଳୀକୁ ମାର୍ଗ ଦର୍ଶକ ରୂପେ ନିଜ ସମ୍ମୁଖରେ ରଖନ୍ତୁ ।.....

ଆପଣ ସମସ୍ତଙ୍କୁ ଏହା ମନେରଖିବା ଉଚିତ୍ ଯେ ଏହା ପ୍ରଚୁର ହେବନାହିଁ ଯେ ଆପଣମାନଙ୍କର କାର୍ଯ୍ୟ ଏପରି ହେଉଥିବ ଯେଉଁଥିରେ ଅନ୍ୟମାନେ ଆପଣଙ୍କ ଉପରେ ଆରୋପ ଲଗାଇପାରିବେ ନାହିଁ ବରଂ ଏହାଠାରୁ ବଳି ଆପଣମାନଙ୍କୁ ଏପରି ଚରିତ୍ର ଆପଣେଇବାକୁ ହେବ ଯେ ଆପଣମାନଙ୍କର କାର୍ଯ୍ୟକଳାପ ଅନ୍ୟମାନଙ୍କ ନିମନ୍ତେ ଅନୁକରଣୀୟ ହେବ ।

ସେଥିପାଇଁ ନିଜ ଉପାସନାର ସ୍ତରକୁ ଏପରି କରିବା ଉଚିତ୍ ଯେ ଆପଣମାନେ ସମସ୍ତଙ୍କ ପାଇଁ ରୋଲ୍ ମଡ଼େଲ୍ ହୋଇଯିବେ । ନିଜ ସତ୍ୟତା ପାଇଁ ଆପଣମାନେ ସମସ୍ତଙ୍କ ପାଇଁ ରୋଲ୍ ମଡେଲ୍ ହେବା ଉଚିତ୍ । ଅଲ୍ଲାଃତାଲାଙ୍କ ଉପରେ ଭରଷା ରଖିବାରେ ଆପଣମାନେ ସମସ୍ତଙ୍କ ପାଇଁ ରୋଲ୍ ମଡେଲ୍ ହେବା ଉଚିତ୍ । ଏବଂ ନିଜର ପବିତ୍ରତା ରକ୍ଷା କରିବାରେ ଆପଣମାନେ ସମସ୍ତଙ୍କ ପାଇଁ ରୋଲ୍ ମଡେଲ୍ ହେବା ଉଚିତ୍ । ଏହିପରି ଆପଣଙ୍କୁ ବିନା ଲାଭରେ ଏବଂ ସମୟ ଅପଚୟ କରୁଥିବା କାର୍ଯ୍ୟରୁ ଦୂରେଇ ରହିବା ଉଚିତ୍ । ଯାହାଦ୍ୱାରା ଏକ ଉତମ ଦୃଷ୍ଟାନ୍ତ ସ୍ଥାପନ ହୋଇପାରିବ ।....

ଯେତେବେଳେ ଆପଣମାନେ ଏହି ସବୁ ଉତମ ଗୁଣକୁ ଆପଣେଇନେବେ ଆପଣମାନେ କେବଳ ଉତମ ଚରିତ୍ରର ଅଧିକାରୀ ହେବେନାହିଁ ବରଂ ଆପଣମାନେ ଆସନ୍ତା ପିଢ଼ୀର ଚରିତ୍ର ଓ ତକ୍‌ୱାର ପ୍ରତିଭୂ ହୋଇପାରିବେ । ସେଥିପାଇଁ ସବୁବେଳେ ଅଲ୍ଲାଃତାଲାଙ୍କୁ ନିଜ ସମ୍ମୁଖରେ ରଖନ୍ତୁ ଏବଂ ସେଥିରୁ ଦୂରେଇ ରୁହନ୍ତୁ, ଯାହା ଅଲ୍ଲାଃଙ୍କ ଦୃଷ୍ଟିରେ ଅପସନ୍ଦ ଅଟେ ।

ସର୍ବଦା ଖିଲାଫତ୍ ସହିତ ନିଷ୍ଠାର ସମ୍ପର୍କ ରଖନ୍ତୁ ଏବଂ ତାର ସୁରକ୍ଷା ଓ ତାକୁ ସୁଦୃଢ଼ କରିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ତ୍ୟାଗ ପାଇଁ ପ୍ରସ୍ତୁତ ରୁହନ୍ତୁ । ଆପଣମାନେ ଜୁମାର ଖୁତ୍‌ବାକୁ ଗମ୍ଭୀର ଭାବରେ ଶୁଣନ୍ତୁ । ସେହିପରି ଖଲିଫାଙ୍କ ଅନ୍ୟାନ୍ୟ ବକ୍ତବ୍ୟ ଗୁଡିକୁ ମଧ୍ୟ । ଏବଂ ତା ଉପରେ ଯଥା ସମ୍ଭବ ଅମଳ କରିବା ପାଇଁ ଚେଷ୍ଟା କରନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ'' । (ୱାକ୍‌ଫିନେ ନୌ କି ତାଲିମ ଓ ତରବିୟତ୍, ପୃଷ୍ଠା-୧୬୩-୧୬୮)

ଏହାପରେ ହଜୁର୍ ଅନୁୱର୍ ୱାକିଫାତେ ନୌ (ଲଜ୍‌ନା) ମାନଙ୍କୁ ପ୍ରଶ୍ନ କରିବା ପାଇଁ ଅନୁମତି ପ୍ରଦାନ କଲେ ।

ୱାକିଫାତେ ନୌ ଙ୍କ ସହିତ ପ୍ରଶ୍ନୋତର

ଏହାପରେ ଜଣେ ୱାକିଫାତେ ନୌ ହଜୁର୍ ଅନୁୱର୍‌ଙ୍କ ଗୋଚରରେ କହିଲେ ଯେ ତାଙ୍କର ମା' କ୍ୟାନ୍‌ସର୍ ରୋଗରେ ପିଡ଼ୀତା ଓ ଦୁଆ ନିମନ୍ତେ ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲା ଫଜଲ୍ ଫରମାଏ ଅର୍ଥାତ୍ ଅଲ୍ଲାଃତାଲା ତାଙ୍କ ଉପରେ ଦୟା କରନ୍ତୁ ।

ଏହାପରେ ଜଣେ ୱାକିଫାତେ ନୌ ପଚାରିଲେ ଯେ କିଛି ପିଲା ବା କିଛି ଲୋକଙ୍କ ନାମ 'ମୁହମ୍ମଦ୍' ହୋଇଥାଏ ଏବଂ ଲୋକମାନେ ଏହି ନାମକୁ ଡାକି ଗାଳି ମଧ୍ୟ ଦିଅନ୍ତି । ତତ୍ ସହିତ ନିଜର ଅଭ୍ୟାସ ଯୋଗୁଁ ସ୍ୱଲଲ୍ଲାହୋ ଆଲୈହେ ୱ ସଲ୍ଲମ୍ ମଧ୍ୟ କହିଦିଅନ୍ତି । ଏଥିରେ ହଜୁର୍ ଅନୁୱର୍ କହିଲେ ମହମ୍ମଦ୍ ନାମ ରଖିବାରେ କୌଣସି ଅସୁବିଧା ନାହିଁ । ମହମ୍ମଦ୍ ଅହେମଦ୍ ହେଉ ବା ଗୁଲାମ୍ ମହମ୍ମଦ୍ ହେଉ ବା ଏହିପରି ଆଉକିଛି ନାମ ରଖାଯାଉଛି । ଯଦି କାହାର ନାମ ମହମ୍ମଦ୍ ତେବେ ସେ ସ୍ୱଲଲ୍ଲାହୋ ଆଲୈହେ ୱ ସଲ୍ଲମ ନୁହନ୍ତି । ଯଦି କିଏ କହେ ତେବେ ସେ ଭୁଲ୍ କହୁଛି । ଯଦି ଏପରି କୌଣସି ଘଟଣା ଆପଣମାନେ ଦେଖୁଛନ୍ତି ତେବେ ସଙ୍ଗେ ସଙ୍ଗେ ତାର ଇସ୍‌ଲାହା କରିଦିଅନ୍ତୁ । ୱାକ୍‌ଫିନେ ନୌ ଙ୍କର ଏହା ମଧ୍ୟ କାର୍ଯ୍ୟ ଅଟେ ଯେ ସେମାନେ ଇସ୍‌ଲାହ୍ କରିବେ ।

ଏହାପରେ ଆଉ ଜଣେ ୱାକିଫାତେ ନୌ ପ୍ରଶ୍ନ କଲେ ଯେ ଯଦି ଆମେ କାହାପାଇଁ ହଜ୍ କରିପାରୁ ତେବେ କଣ ଆମେ କାହାପାଇଁ ଉମ୍‌ରା କରିପାରିବୁ ? ଏଥିରେ ହଜୁର୍ ଅନୁୱର୍ କହିଲେ ଯଦି କାହାପାଇଁ ହଜ୍ କରିପାରୁଛ ତେବେ ଉମ୍‌ରା କାହିଁକି କରିପାରିବ ନାହିଁ ? ଉମ୍‌ରା ମଧ୍ୟ କରିପାରିବ ।

ଏହାପରେ ଆଉଜଣେ ୱାକିଫାତେ ନୌ ପଚାରିଲେ ଯେ ଆମ ଯମାତ୍‌ର ସ୍ଲୋଗାନ୍ 'ମୋହବତ୍ ସବ୍ କେଲିଏ, ନଫରତ୍ କିସି ସେ ନେହିଁ' କିନ୍ତୁ କିଛି ଗୋଷ୍ଠୀ ଓ ଲୋକ ଏପରି ଅଛନ୍ତି ଯେଉଁମାନେ ନିରୀହ ଲୋକମାନଙ୍କୁ ହତ୍ୟା କରୁଛନ୍ତି । ସେମାନଙ୍କ ବିଷୟରେ କଣ କହିବା ଉଚିତ୍ ହେବ ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁଁ ଏ ସମ୍ବନ୍ଧରେ ଗୋଟିଏ ଖୁତ୍‌ବା ଦେଇଥିଲି । ତେଣୁ ଖୁତ୍‌ବା ଶୁଣନ୍ତୁ ଏବଂ ତାର ପଏଂଟ୍ ଗୁଡିକ ମନେ ରଖନ୍ତୁ ।

ହଜୁର୍ ଅନୁୱର୍ କହିଲେ ଆମର ଯେଉଁ ସ୍ଲୋଗାନ୍ ଅଛି ତାହା ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାହି ରୁ ତିଆରି ହୋଇଛି । ଆଁ ହଜରତ୍ ସ:ଆ:ସ କହୁଛନ୍ତି ଯେ ତୁମେ ଅତ୍ୟାଚାରୀଙ୍କୁ ମଧ୍ୟ ସାହାଯ୍ୟ କର ଓ ଯାହା ଉପରେ ଅତ୍ୟାଚାର କରାଯାଇଛି ତାକୁ ମଧ୍ୟ ସାହାଯ୍ୟ କର । ଏଥିରେ ସାହାବା ମାନେ ପଚାରିଲେ ଅତ୍ୟାଚାରୀକୁ କିପରି ସାହାଯ୍ୟ କରିପାରିବା ? ଏଥିରେ ଆପଣ ସ:ଆ:ସ କହିଲେ ଯେ ତାକୁ ଅତ୍ୟାଚାର କରିବାରୁ ରୋକ, ତାକୁ ବୁଝାଅ, ହାତଦ୍ୱାରା ରୋକ ବା ମୁହଁଦ୍ୱାରା ରୋକ ଯଦି ଏପରି କରିପାରୁନ ତେବେ ତା ପାଇଁ ଦୁଆ କର ।....

ଜଣେ ୱାକିଫାତେ ନୌ କହିଲେ ଯେ ମୋର ଗୋଟିଏ ପ୍ରଶ୍ନ ତବ୍‌ଲିଗ୍ ସମ୍ବନ୍ଧରେ ଅଛି । ବହୁତ ଲୋକ ଯମାତ୍ ଦ୍ୱାରା ପ୍ରଭାବିତ ହେଉଛନ୍ତି ଓ ଖିଲାଫତ୍ ଦ୍ୱାରା ମଧ୍ୟ ପ୍ରଭାବିତ ହେଉଛନ୍ତି । ଏହା ହେବା ସତ୍ୱେ ମଧ୍ୟ ଯମାତ୍‌ରେ ସାମିଲ୍ ହେବାକୁ ଚାହୁଁନାହାଁନ୍ତି । ତେବେ ଏପରି ଲୋକମାନଙ୍କୁ କିପରି ଗାଇଡ୍ କରିପାରିବା ? ଏଥିରେ ହଜୁର୍ ଅନୁୱର୍ କହିଲେ ଯଦି ସାମିଲ୍ ନହେଉଛନ୍ତି ତେବ ନହୁଅନ୍ତୁ । ଅଲ୍ଲାଃତାଲା କହୁଛନ୍ତି ହିଦାୟତ୍ ଦେବା ଏବଂ ତାକୁ ଯମାତ୍‌ରେ ସାମିଲ୍ କରାଇବା ହେଉଛି ମୋ କାମ, ତୁମର ନୁହେଁ । ଆଁ ହଜରତ୍ ସ:ଆ:ସ ଙ୍କୁ ଅଲ୍ଲାଃତାଲା କହିଥିଲେ 'ବଲ୍ଲିଗ୍ ମା ଉନ୍‌ଜିଲ ଇଲୈକା' ସୁତରାଂ ଆପଣମାନଙ୍କର କାର୍ଯ୍ୟ ହେଉଛି ତବ୍‌ଲିଗ୍ କରିବା । ସେମାନଙ୍କ ପର୍ଯ୍ୟନ୍ତ ବାର୍ତା ପହଂଚାଇଦିଅ ଯେଉଁମାନଙ୍କ ପ୍ରକୃତିରେ ପୁଣ୍ୟ ଥିବ ଏବଂ ଯେଉଁମାନଙ୍କୁ ଅଲ୍ଲାଃଙ୍କ ଭୟ ଥିବ ସେମାନେ ଆସିଯିବେ ।....

ଜଣେ ୱାକିଫାତେ ନୌ କହିଲେ ଯେ ମୁଁ ଇଞ୍ଜିନିୟରିଂରେ ବ୍ୟାଚଲର୍ କରିଛି । ଏବଂ ଇଂଟେଲିଜେଂଟ୍ ସିଷ୍ଟମ୍‌ସ୍‌ରେ ମାଷ୍ଟର କରୁଅଛି । ମାଷ୍ଟର୍ କୋର୍ସରେ ତିନିଟା ଫିଲ୍ଡ଼ ଅଛି । ତା ଭିତରୁ ମୁଁ ଗୋଟିଏରେ ଯାଇପାରିବି । ପ୍ରଥମଟି ହେଉଛି ଆର୍ଟିଫିସିଆଲ୍ ଇଂଟେଲିଜେନ୍‌ସି, ଦ୍ୱିତୀୟଟି ହେଉଛି ମେଡ଼ିକାଲ୍ ଡ଼ିଭାଇସେସ୍ ତିଆରି କରିବାର ଫିଲ୍ଡ଼, ତୃତୀୟଟି ହେଉଛି ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଇଂଟେଲିଜେନ୍‌ସି ସିଷ୍ଟମ୍ ତିଆରି କରିବାର ଫିଲ୍ଡ଼ । ସେମାନଙ୍କ ଭିତରୁ କେଉଁ ଫିଲ୍ଡ଼କୁ ମୋତେ ଚୟନ କରିବାକୁ ହେବ ? ହଜୁର୍ ଅନୁୱର୍ କହିଲେ ତୃତୀୟ ଫିଲ୍ଡ଼କୁ ଯାହା ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଇଂଟେଲିଜେନ୍‌ସି ସିଷ୍ଟମ୍ ନିର୍ମାଣ କରିବାର ଫିଲ୍ଡ଼ ଅଛି ସେଥିରୁ ଯାଆନ୍ତୁ । ବରଂ ଯଦି ଏହା ଆପଣ କରିନେବେ ତେବେ ରବ୍‌ଆରେ ମଧ୍ୟ ଆମର ଅକ୍ଷମ

ବ୍ୟକ୍ତିମାନଙ୍କ ପାଇଁ ଗୋଟିଏ ସ୍କୁଲ୍ ଖୋଲାଯାଇଛି । ସେଠାରେ ଆପଣ ୱକ୍‌ଫେ ଆର୍‌ଜି କରିଆସିବେ ।

ଆଉଜଣେ ୱାକିଫାତେ ନୌ ପଚାରିଲେ ହଜୁର୍ ଅନୱର୍ ଯେତେବେଳେ ଦୌରା ରେ ଯାଉଛନ୍ତି ସେତେବେଳେ କଣ ନିଜର ପ୍ୟାକିଂ ନିଜେ କରୁଛନ୍ତି ? ଏଥିରେ ହଜୁର୍ କହିଲେ ମୁଁ ନିଜେ କରୁନାହିଁ, ଅଲ୍ଲାହ୍‌ଙ୍କ ଫଜଲ୍‌ରୁ ମୋ ସ୍ତ୍ରୀ କରୁଛନ୍ତି ।

ଆଉଜଣେ ୱାକିଫେ ନୌ ନିଜର ମା'ଙ୍କ ପାଇଁ ଯାହାଙ୍କୁ ବ୍ରେନ୍ ଟ୍ୟୁମର୍ ହୋଇଯାଇଛି ତାଙ୍କ ପାଇଁ ଦୁଆ ନିମନ୍ତେ ଦରଖାସ୍ତ କଲେ । ହଜୁର୍ କହିଲେ ଅଲ୍ଲାହ୍‌ତାଲା ଫଜଲ୍ ଫର୍‌ମାଏ ।

ଏହାପରେ ଆଉଜଣେ ୱାକିଫାତେ ନୌ ପ୍ରଶ୍ନ କଲେ ଏଠି ଜର୍ମାନୀରେ ପ୍ୟାରେଂଟାଲ୍ ଲିଭ୍ ବେନିଫିଟ୍ ମିଳେ ଯାହାର ଉଦ୍ଦେଶ୍ୟ ହେଉଛି ଯେତେବେଳେ ପିଲା ଗୋଟିଏ ବର୍ଷର ହୋଇଯିବ ସେତେବେଳେ ମା' ମାନେ ଶିଘ୍ର ଶିଘ୍ର ନିଜ କାମକୁ ଫେରିଯିବେ ଏବଂ ଦ୍ୱିତୀୟ ଉଦ୍ଦେଶ୍ୟ ହେଉଛି ଏହା ଦ୍ୱାରା ବାପା ମଧ୍ୟ ପିଲା ର ରକ୍ଷଣବେକ୍ଷଣ କରିପାରିବେ । ଏଠିକାର ସୋସାଇଟ୍ ଯଦି ଏହି କଥାକୁ ଅନୁସରଣ କରିବେ ତେବେ କଣ ସେମାନେ ଉନ୍ନତି କରିପାରିବେ ? ହଜୁର୍ ଅନୱର୍ କହିଲେ ଯଦି ସରକାର୍ ମ୍ୟାଟର୍ନିଟି ବେନିଫିଟ୍‌ସ ଦେଉଅଛି ତେବେ ତାହା ଏକ ଅଧିକାର ଯାହାକୁ ସରକାର ଦେଉଅଛି । ସେଥିରେ କଣ ଆପତି ହୋଇପାରିବ ? ଯଦି କୌଣସି ପୁରୁଷ ଏପରି କରେ ଯେ ସରକାରଙ୍କ ଠାରୁ ପଇସା ନେବାପାଇଁ ଓ କାମକୁ ଯିବା ଛାଡିଦିଏ ଏବଂ କହେ ଯେ ତୁମେ ପିଲା ପାଳ ଏବଂ ମୁଁ ବାହାରକୁ ବୁଲିବା ପାଇଁ ଯାଉଛି ତେବେ ଏହା ଅନୁଚିତ୍ ହେବ । କିନ୍ତୁ ଯଦି ସ୍ତ୍ରୀ ର ସାହାଯ୍ୟ କରୁଛନ୍ତି ଓ ପିଲାମାନଙ୍କର ରକ୍ଷଣ ବେକ୍ଷଣ କରୁଛନ୍ତି ତେବେ ଏହା ଉଚିତ୍ ହେବ ।

ଜଣେ ୱାକିଫାତେ ନୌ ପ୍ରଶ୍ନ କଲେ ଯେ ହଜୁର୍ ଅନୱର୍ ଅ:ବ:ଅ ନିଜର ବିଗତ ଖୁତ୍‌ବା ଜୁମାରେ ଆପଣଙ୍କ ଫୁଫୁ (ପିଇସି) ଙ୍କ ବିଷୟରେ କହିଥିଲେ ଯେ ସେ ଲଟେରୀ କିଣିଥିଲେ ବୋଲି । ଏଥିରେ ହଜୁର୍ ଅନୱର୍ କହିଲେ ମୁଁ ତ କେଉଁଠି ଲଟେରୀର ଶବ୍ଦ ବ୍ୟବହାର କରିନାହିଁ । ଲଟେରୀ ହେଉଛି ହରାମ୍ । ମୁଁ ପ୍ରାଇଜ୍ ବ୍ୟାଣ୍ଡ କହିଥିଲି । ପାକିସ୍ତାନ୍‌ରେ ପ୍ରାଇଜ୍ ବ୍ୟାଣ୍ଡ ଚାଲେ ଓ ପ୍ରାଇଜ୍ ବ୍ୟାଣ୍ଡ ଏପରି ଜିନିଷ ଯାହା ଯାଏଜ୍ ଅଟେ । କାରଣ ଯଦି ଆପଣ ପ୍ରାଇଜ୍ ବ୍ୟାଣ୍ଡ କିଣୁଛନ୍ତି ତେବେ ଏହାପରେ ତାକୁ ବିକ୍ରୀ ମଧ୍ୟ କରିପାରିବେ । କିନ୍ତୁ ଲଟେରୀରେ ଗୋଟିଏ ଲଟେରୀ ଉଠେ, ବାକି ସବୁ ନଷ୍ଟ ହୋଇଯାଏ, କିନ୍ତୁ ପ୍ରାଇଜ୍ ବ୍ୟାଣ୍ଡ୍ ସରକାରୀ ସ୍କିମ୍ ଅଟେ । ଯଦି ଶହେ ଟଙ୍କର ପ୍ରାଇଜ୍ ବ୍ୟାଣ୍ଡ ଅଛି ଯଦି ପ୍ରଥମ ଥର ତାହା ଉଠେ ନାହିଁ ତେବେ ହୋଇପାରେ ଯେ ଦ୍ୱିତୀୟ ଥର ତାହା ଉଠିଯିବ । ଯଦି ନ ଉଠିବ ଏବଂ ୪,୫ ବା ୧୦ ବର୍ଷ ପର୍ଯ୍ୟନ୍ତ ପଡ଼ିରହିବ ତେବେ ପୁଣି ମଧ୍ୟ ନିଜର ଶହେଟଙ୍କା ଆପଣଙ୍କୁ ଫେରାଇଦିଆଯିବ । ଏହିପରି ୟୁ.କେ ରେ ମଧ୍ୟ ପ୍ରାଇଜ୍ ବ୍ୟାଣ୍ଡ ସିଷ୍ଟମ୍ ଅଛି ।....

ପୁଣି ଜଣେ ୱାପିଫାତେ ନୌ ପଚାରିଲେ ଯେ ମୋର ଦୁଇଜଣ ଯମଜ ସନ୍ତାନ ଅଛନ୍ତି । ସେମାନଙ୍କ ତର୍‌ବିୟତ୍ ପାଇଁ ବହୁତ ଚିନ୍ତା ହେଉଛ । ହଜୁର୍ ଆପଣ ନିଜର ଅଭିଜ୍ଞତାରୁ କିଛି ଉପଦେଶ ଦେଇପାରିବେ କି ? ଏଥିରେ ହଜୁର୍ ଅନୱର୍ ଅ:ବ:ଅ କହିଲେ ନିଜ ନମୁନାକୁ କାଏମ୍ କର । ଆପଣଙ୍କ ନମାଜ ଠିକ୍ ହେଉଥିବ । ପିଲାମାନେ ଜାଣୁଥିବେ ଯେ ଆପଣ ନମାଜ ପଢୁଛନ୍ତି । ଯେଉଁ ମା' ଏବଂ ବାପା ମାନେ ନମାଜ ପଢୁଛନ୍ତି ସେମାନଙ୍କ ଛୋଟ ଛୋଟ ପିଲାମାନେ ମଧ୍ୟ ଘରେ ନିଜେ ଜାଏ ନମାଜ ବିଛାଇ ଦିଅନ୍ତି ଓ ଅଲ୍ଲାହୁ ଅକବର୍ କହି ନମାଜ ପଢ଼ିବା ଆରମ୍ଭ କରିଦିଅନ୍ତି । ସୁତରାଂ ପିଲାମାନଙ୍କୁ ପିଲାଦିନୁ ହିଁ ଏପରି ଅଭ୍ୟାସ କରାଇବା ଶିଖାନ୍ତୁ । ପୁଣି ସ୍ୱାମୀ ସ୍ତ୍ରୀ ର ଯେଉଁ ସମ୍ପର୍କ ଅଛି ସେଥିରେ ଭଲଭାଷା ଓ ଚରିତ୍ର ଦେଖାଇବା ଉଚିତ୍ । ନିଜ ଭିତରେ କଥାବାର୍ତା ନମ୍ର ହେଉ ଏବଂ ସ୍ନେହପୂର୍ଣ୍ଣ ହେଉ । ତେବେ ପିଲାମାନେ ମଧ୍ୟ ଅନୁଭବ କରିବେ ଯେ ପ୍ରେମ ଓ ସ୍ନେହ ପୁର୍ଣ୍ଣ କଥାବାର୍ତା କରିବା ଉଚିତ୍ । ଗାଳି ଗୁଲଜ କରିବା ଉଚିତ୍ ନୁହେଁ । ଏହିପରି ନିଜର ଦୃଷ୍ଟାନ୍ତ ଦେଖାନ୍ତୁ । ଏହା ମୁଁ ଦେଖିଛି ଯେ ଯଦି ନିଜର ଦୃଷ୍ଟାନ୍ତ ଦେଖାଇବେ ତେବେ ପିଲାମାନଙ୍କ ଉପରେ ଏହାର ବହୁତ ଭଲ ପ୍ରଭାବ ପଡ଼ିବ ।

ଆଉ ଜଣେ ୱାକିଫାତେ ନୌ ପଚାରିଲେ ମୁଁ ହେଉଛି ଜଣେ ଡାକ୍ତର ଏବଂ ଏଠାରେ ଅହେମଦୀ ଡାକ୍ତରମାନଙ୍କର ଗୋଟିଏ ଆସୋସିଏସନ୍ ତିଆରି ହୋଇଛି । ଲଜ୍‌ନା ମାନଙ୍କର ମଧ୍ୟ ଆସୋସିଏସନ୍ ଅଛି । ଆମେ ଅହେମଦୀ ଡାକ୍ତର ହୋଇଥିବା ଯୋଗୁଁ ଏହି ଆସୋସିଏସନ୍‌ରେ ରହି କଣ କରିପାରିବୁ ? ଏହାର ଉତରରେ ହଜୁର୍ ଅନୱର୍ କହିଲେ ଆପଣଙ୍କର ଆସୋସିଏସନ୍‌ରେ କଣ ବାଇ ଲ ତିଆରି ହୋଇନାହିଁ ? ସେଥିରେ ପ୍ରଥମତଃ ଆପଣ ୱକ୍‌ଫେ ଆର୍‌ଜି କରନ୍ତୁ । ଆଫ୍ରିକାରେ ଆମର ଚିକିତ୍ସାଳୟ ଅଛି । ସେଠାକୁ ଅହେମଦୀମାନେ ୱକ୍‌ଫେ ଆର୍‌ଜି କରିବା ପାଇଁ ଯାଇପାରିବେ । ଫଜଲେ ଉମର୍ ହସ୍‌ପିଟାଲ୍ ରବୁଆ ରେ ଯାଇ କରିପାରିବେ, କାଦିଆନ୍ ଯାଇପାରିବେ । ଦ୍ୱିତୀୟରେ ଆପଣମାନେ ଯେଉଁ ଧନ ଉପାର୍ଜନ କରୁଛନ୍ତି, ସେମାନେ ଗରିବ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍କଲାରସିପ୍ ଜାରି କରିପାରିବେ । ଏହିପରି ସାଧାରଣତଃ କ୍ୟାମ୍ପ ଲଗାଇ ଲୋକମାନଙ୍କର ସେବା ମଧ୍ୟ କରିପାରିବେ । ରିଫ୍ୟୁଜି କ୍ୟାମ୍ପ୍‌ରେ ଯାଇ ସେବା କରିପାରିବେ ।

ଆଉ ଜଣେ ୱାକ୍‌ଫେ ନୌ ପ୍ରଶ୍ନ କଲେ ଯେ କୁହାଯାଉଛି କି ଆଁ ହଜରତ୍ ସ:ଆ:ସ ଙ୍କ ମୃତ୍ୟୁ ପରେ ଯେତେବେଳେ ହଜରତ୍ ଅବୁ ବକର୍ ଖଲିଫା ନିର୍ବାଚିତ ହେଲେ ସେତେବେଳେ ହଜରତ୍ ଅଲି ର:ଅ ସଙ୍ଗେ ସଙ୍ଗେ ବୟତ କରିନଥିଲେ ବରଂ ୩୦-୪୦ ଦିନ ପରେ ବୟତ କଲେ । ଏଥିରେ କଣ ହିକ୍‌ମତ୍ ଥିଲା ? ଏହାର ଉତରରେ ହଜୁର୍ କହିଲେ ଏଥିରେ କିଛି ନା କିଛି ହିକ୍‌ମତ୍ ଥିବ, କିଛି କାର୍ଯ୍ୟବ୍ୟସ୍ତତା ଥିବ ବା କୌଣସି କାରଣ ଥିବ । କିନ୍ତୁ ହଜରତ୍ ଅଲି ର:ଅ ହଜରତ୍ ଅବୁ ବକର୍ ସିଦିକ୍ ର:ଅ ଙ୍କ ସମ୍ପୂର୍ଣ୍ଣ ରୂପେ ଇତାଅତ୍ (ଅନୁସରଣ) କରୁଥିଲେ । ଏହି ଜିନିଷକୁ ଶିହା ମାନେ ଅଧିକ ଉଛାଳିଛନ୍ତି ଯେ ହଜରତ୍ ଅଲି ର:ଅ ପ୍ରଥମେ ବୟତ କରିନଥିଲେ । ପ୍ରକୃତରେ ଏ କଥା ବିଲ୍‌କୁଲ୍ ଭୁଲ୍ । କେଉଁଠି ମଧ୍ୟ ଏ ପ୍ରମାଣ ମିଳୁନାହିଁ ଯେ ହଜରତ୍ ଅଲି ର:ଅ ଗୋଟିଏ ଦିନ ବା ଏକ କ୍ଷଣ ପାଇଁ ମଧ୍ୟ ହଜରତ ଅବୁ ବକର୍ ର:ଅ ଙ୍କ ଇତାଅତ୍ ରୁ ବାହାରିଛନ୍ତି ବୋଲି । ଏ ବାବଦରେ ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଗୋଟିଏ ପୁସ୍ତକ ମଧ୍ୟ ଲେଖିଛନ୍ତି । ବର୍ତମାନ ଆପଣମାନେ ପ୍ରାପ୍ତ ବୟସ୍କା ଓ ୱକ୍‌ଫେ ନୌ ରେ ମଧ୍ୟ ଅଛନ୍ତି । ସେଥିପାଇଁ ଏହି ପୁସ୍ତକକୁ ପଢ଼ନ୍ତୁ ଏବଂ ନିଜର ଜ୍ଞାନକୁ ବଢ଼ାନ୍ତୁ ।

ଜଣେ ୱାକ୍‌ଫେ ନୌ ପ୍ରଶ୍ନ କଲେ ଯେ ଯେତେବେଳେ ସ୍ୱାମୀ ସ୍ତ୍ରୀ ଙ୍କର ବିବାହ ରୁହେ ତ ଜଣେ ଆଉ ଜଣଙ୍କ ଠାରୁ ବହୁତ ଆଶା ରଖେ । କିନ୍ତୁ ଯେତେବେଳେ ସେ ଆଶା ଗୁଡିକ ପୁରଣ ହୁଏନାହିଁ ତେବେ ଛୋଟ ଛୋଟ କଥାରେ ଝଗଡ଼ା ହୁଏ । ଯାହା ପରେ ବଢ଼ିଯାଏ । ଏଥିରେ ହଜୁର୍ ଅନୱର୍ କହିଲେ ଯେଉଁ ସ୍ୱାମୀ ସ୍ତ୍ରୀ ମାନେ ଅଧିକ ଆଶା ରଖନ୍ତି ସେ ଦୁଇଜଣଯାକ ଭୁଲ କରନ୍ତି । କୌଣସି ଆଇଡିଆଲ୍ ଖୋଜିବା ଉଚିତ୍ ନୁହେଁ । ଜୀବନର ଏବଂ ଦୁନିଆର ଯେଉଁ ବାସ୍ତବିକତା ଅଛି ତାକୁ ବୁଝିବା ଉଚିତ୍ । କୌଣସି ମନୁଷ୍ୟ ପର୍‌ଫେକ୍ଟ ନୁହଁନ୍ତି । ସ୍ତ୍ରୀ ମାନଙ୍କ ମଧ୍ୟରେ ଦୁର୍ବଳତା ଏବଂ ସର୍ଟ କମିଙ୍ଗସ୍ ଥାଏ ଏବଂ ପୁରୁଷ ମାନଙ୍କ ପାଖରେ ମଧ୍ୟ । ସେଥିଯୋଗୁଁ ମୋ ପାଖକୁ ଏପରି ଯୁଗଳ ଆସନ୍ତି ଏବଂ କୁହନ୍ତି ଯେ ବିବାହ ପରେ କିଛି ଉପଦେଶ ଦିଅ ବୋଲି ତେବେ ମୁଁ ତାକୁ କହେ ନିଜର ଆଖି, କାନ ଓ ମୁହଁକୁ ଜଣେ ଆଉ ଜଣଙ୍କ ପାଇଁ ଖରାପକୁ ଦେଖି ମଧ୍ୟ ବନ୍ଦ କରିଦିଅ । ତେବେଯାଇ ତୁମର ଝଗଡ଼ା ଶେଷ ହୋଇଯିବ । ସ୍ୱାମୀ ମଧ୍ୟ ନିଜର ଆଖି, କାନ ଓ ମୁହଁକୁ ବନ୍ଦ କରିଦେଉ ଏବଂ ସ୍ତ୍ରୀ ମଧ୍ୟ । ଯଦି ତାହାକୁ ଖୋଲିବ ତେବେ ଖୋଲିବା ଦ୍ୱାରା ବହୁତ କିଛି ମିଳିବ । ଯେପରି ଗୋଟିଏ ଢ଼ଗ ଅଛି ଯେ ଆଟା ଗୁନ୍ଦତେ ୱକ୍ତ କୁହ୍‌ନି କ୍ୟୁଁ ହିଲ୍ ରହି ହେ- ଅର୍ଥାତ୍ ଅଟା ଚକଟିବା ସମୟରେ କହୁଣି କାହିଁକି ହଲୁଛି । ଏଥିରେ ମଧ୍ୟ ଝଗଡ଼ା ହୋଇଯାଉଛି ।

ସେ ପୁଣି ପ୍ରଶ୍ନ କଲେ ହଜୁର୍ ଅନୱର୍ ଅ:ବ:ଅ କେବେ କଣ ବେଗମ୍ ସାହାବାଙ୍କୁ ଉପହାର ଦିଅନ୍ତି ? ସେଥିରେ ହଜୁର୍ କହିଲେ କୌଣସି ବିଶେଷ ଅବସରରେ ତ ନୁହେଁ । ଇଦ୍‌ବେଳେ ଇଦି(ଇଦ୍ ସମୟରେ କିଛି ଟଙ୍କା ଦେବା)ଇତ୍ୟାଦି ଦେଇଦିଏ ।

ଆଉ ଜଣେ ୱାକ୍‌ଫେ ନୌ ପ୍ରଶ୍ନ କଲେ ଯେ ମୁଁ ଏଠି ଗୋଟିଏ ଅନୁଷ୍ଠାନକୁ ଯାଇଥିଲି । ଯେଉଁଠାରେ ଗୋଟିଏ ପୁରୁଷ ବସିଥିଲେ ଯିଏ ସଲାମ୍ ନିମନ୍ତେ ନିଜ ହାତକୁ ଆଗକୁ ବଢ଼ାଇଦେଲେ । ଏ ସମୟରେ ମୋତେ କଣ କରିବା ଉଚିତ୍ ହେବ । ଏଥିରେ ହଜୁର୍ କହିଲେ ମୋ ସହିତ ମଧ୍ୟ ଏପରି ଥରେ ଅଧେ ହୋଇଛି । ଏବଂ ମୁଁ ଏ ସମୟରେ ଆଗକୁ ଟିକିଏ ନଇଁଯାଏ, ଯାହାଦ୍ୱାରା ସମ୍ମୁଖରେ ଥିବା ବ୍ୟକ୍ତିଙ୍କୁ ବୁଝା ପଡ଼ିଯାଏ । ଆପଣମାନେ ତ ନିଜକୁ ନିଜେ ବଂଚାଇବେ । ଯଦି ସମାଜକୁ ଡରୁଛନ୍ତି ତେବେ କିଛି ହେବନାହିଁ । ଦୁଇଚାରିଥର ଏପରି କରିବେ ଏବଂ ତାଙ୍କୁ ବତାଇଦେବେ ଯେ ମୋ ଧର୍ମ ମୋତେ ଏହା କହୁଛି ଯେ ପୁରୁଷଙ୍କ ସହିତ ହାତ ମିଳାଇବ ନାହିଁ ।

ତେବେ ଆପେ ଆପେ ସବୁ ଠିକ୍ ହୋଇଯିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣମାନେ ଯଦି ନିଜର ଧର୍ମୀୟ ଶିକ୍ଷାକୁ ପ୍ରସାର କରିବାକୁ ଚାହୁଁଛନ୍ତି ଓ ଲୋକମାନଙ୍କୁ ଏ ବିଷୟରେ ଅବଗତ କରାଇବାକୁ ଚାହୁଁଛନ୍ତି ଏବଂ ଏହା ଉପରେ କାଏମ୍ ରହିବାକୁ ଚାହୁଁଛନ୍ତି ତେବେ ବେଳେବେଳେ ଲୋକଙ୍କ ମନରେ ଛୋଟ ଛୋଟ ଧାରଣା ସୃଷ୍ଟି ହେବ ତେବେ ତାକୁ ସହ୍ୟ କରିବାକୁ ହେବ । ଏହା ଆଜି କାଲିର କଥା ନୁହେଁ ବରଂ ସର୍ବଦା ଏପରି ହୋଇଚାଲିଛି ।...

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ନିକଟ ସମ୍ପର୍କୀୟ ଥିବ ତେବେ ଏପରି ଅବସ୍ଥା ହୋଇପାରେ କିନ୍ତୁ ଯଦି ଥରେ ଅଧେ ମିଳାମିଶା କରିବାର ଥିବ ତେବେ ଦୂରରୁ ଅସ୍ ସଲାମୋ ଆଲୈକୁମ୍ କହିଦିଅନ୍ତୁ ।

ପୁଣି ଜଣେ ଓ୍ୱାକିଫାତେ ନୌ କହିଲେ ଯେ ମୋ ଫୁଫୁ ଙ୍କୁ ପାକିସ୍ତାନ (ଲାହୋର) ରେ ଶହିଦ୍ କରିଦିଆଗଲା । ତାଙ୍କ ପାଇଁ ଦୁଆ କରିବା ପାଇଁ ଅନୁରୋଧ । ହଜୁର୍ ଅନୁଓ୍ୱର୍ କହିଲେ ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ । ୧୦୦ ଡଲାର୍ ଏବଂ ଗୋଟିଏ ମୋବାଇଲ୍ ପାଇଁ ତାଙ୍କୁ ହତ୍ୟା କରାଗଲା । ଯିଏ ହତ୍ୟା କଲା ସେ ଜଣେ ଇଲେକ୍ଟ୍ରିସିଆନ୍ ଥିଲା ଯିଏ ସେଠାରୁ କେବଳ ୧୦୦ ଡଲାର୍ ଚୋରି କରିଛି ଏବଂ ଗୋଟିଏ ମୋବାଇଲ୍ ସେଠାରୁ ଚୋରିକରି ନେଇଛି । ସେଥିପାଇଁ ହିଁ ତାଙ୍କୁ ଶହିଦ୍ କରିଦେଲା ।

ଜଣେ ଓ୍ୱାକିଫାତେ ନୌ ପ୍ରଶ୍ନ କଲେ ଯେ ଇସ୍‌ଲାମ୍‌ରେ ମୋଟ ଛଅଟି କଲ୍‌ମା ଅଛି ଯେପରି କଲ୍‌ମା ତୟବା ଏବଂ କଲ୍‌ମା ଶାହାଦତ୍ ବାକି କଲ୍‌ମାର କଣ ଗରୁତ୍ୱ ଅଛି ? ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ଗଏର୍ ଅହେମଦୀମାନେ ବହୁତ କଲମା ତିଆରି କରିଛନ୍ତି । ଅସଲ କଲମା ହେଉଛି ଲା ଇଲାହା ଇଲ୍ଲଲ୍‌ଲାହୋ ମୁହମ୍ମଦୁର୍ ରସୁଲୁଲ୍ଲାହେ ଏବଂ କିଛି ଅବସରରେ ଅଶ୍‌ହଦୁ ଅନ୍ ଲା ଇଲାହା ଇଲ୍ଲଲ୍‌ଲାହୋ ଓ୍ୱହ୍‌ଦହୁ ଲା ଶରିକା ଲହୁ ଓ୍ୱ ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱ ରସୁଲୁହୁ ମଧ୍ୟ ପଢ଼ାଯାଏ । ଆଁ ହଜ୍‌ରତ୍ ସ:ଆ:ସଙ୍କଠାରୁ ଏହା ମଧ୍ୟ ପ୍ରମାଣ ହେଉଛି । ବାକି ତ ଯେତେ ଇଚ୍ଛା ସେତେ କଲମା ବନାଇ ନିଅନ୍ତୁ ।

ସେହି ଓ୍ୱାକ୍‌ଫେ ନୌ କହିଲେ ଏଠାରେ ପିଲାମାନଙ୍କର ଜନ୍ମଦିନ ଇତ୍ୟାଦି ମୌକାରେ ସେମାନଙ୍କର ଘରେ କେକ୍ ଇତ୍ୟାଦି ବା ଅନ୍ୟ କୌଣସି ଜିନିଷ ପ୍ୟାକ୍ କରି କ୍ଲାସ୍‌ର ପିଲାମାନଙ୍କୁ ବଂଟାଯାଏ । ଏପରି ପରିସ୍ଥିତିରେ ଆମକୁ କଣ କରିବାକୁ ହେବ ? ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ଯଦି ସେମାନେ ସ୍କୁଲ୍‌ରେ ପିଲାମାନଙ୍କୁ ଟଫି, ଗୋଲି, ଚକୋଲେଟ୍ ବା କେକ୍ ଇତ୍ୟାଦି ବାଂଟୁଛନ୍ତି ତେବେ ଆପଣମାନେ ମଧ୍ୟ ବାଂଟି ଦିଅନ୍ତୁ । କିନ୍ତୁ ପିଲାମାନଙ୍କୁ ଏହା ମଧ୍ୟ ବତାନ୍ତୁ ଯେ ଆମର ଜନ୍ମ ବାର୍ଷିକ ହେଉଛି ଯେ ଆମେ ଗରିବଙ୍କୁ ମଧ୍ୟ କିଛି ଦେଇଥାଉ । ପିଲାମାନଙ୍କଦ୍ୱାରା କିଛି ସଦ୍‌କା ଗରିବମାନଙ୍କୁ ଦିଆଯାଉ ଏବଂ ତାଙ୍କୁ କୁହାଯାଉ ଯେ ଦୁଆ କରନ୍ତୁ, ଅଲ୍ଲାଃତାଲା ଆମକୁ ପୁନ୍ୟବାନ୍ କରନ୍ତୁ । କିନ୍ତୁ ଘରେ ଜନ୍ମବାର୍ଷିକ ଉତ୍ସବ ପାଳନ ନକରାନ୍ତୁ । ଯଦି ସ୍କୁଲ୍‌ରେ ପିଲାମାନଙ୍କୁ ଚକୋଲେଟ୍ ଓ କେକ୍ ଇତ୍ୟାଦି ବଂଟାଯାଉଛି ତେବେ ଆପଣମାନେ ମଧ୍ୟ ଏପରି କରିନିଅନ୍ତୁ । ଏଥିରେ କୌଣସି ଅସୁବିଧା ନାହିଁ । ବିଶେଷ ପ୍ରଥା ରୁପେ ଜନ୍ମବାର୍ଷିକ୍‌ର ଉତ୍ସବ ପାଳନ କରିବା ଆବଶ୍ୟକ ନାହିଁ । କିନ୍ତୁ ସ୍କୁଲ୍‌ରେ ବର୍ଷରେ ଥରେ ଅଧେ ଯଦି ଅନ୍ୟପିଲାମାନଙ୍କୁ କିଛି ବଂଟାଯାଏ ସେ ପରିସ୍ଥିତିରେ ଯଦି ଆପଣଙ୍କ ପିଲାମାନେ ମଧ୍ୟ କିଛି ଜିନିଷ ବାଂଟିଦେବେ ତେବେ କୌଣସି ଅସୁବିଧା ନାହିଁ କାରଣ ଅନ୍ୟ ପିଲାମାନେ ପଚାରୁଛନ୍ତି ଯେ ତୁମର ଜନ୍ମବାର୍ଷିକ କେବେ ପଡୁଛି ? ଏହା କୌଣସି ବଡ଼ ଶରଇ ମସଲା (ଶରୀୟତ୍ ନିୟମ) ମଧ୍ୟ ନୁହେଁ ଯେ ଏହାକୁ ପାଳନ କରିବା ନିତ୍ୟାନ୍ତ ଆବଶ୍ୟକ ହେବ । କିନ୍ତୁ ଏ ଦୃଷ୍ଟିରୁ ଏହା ଗୁରୁତ୍ୱପୁର୍ଣ୍ଣ ଯେ ବଦଖର୍ଚ୍ଚ କରାନଯାଉ । ଏବଂ ଘରକୁ ଦଓ୍ୱତ୍ (ନିମନ୍ତ୍ରଣ) କରା ନଯାଉ ଏବଂ ଘରେ ଜନ୍ମବାର୍ଷିକ ପାଳନ କରାନଯାଉ । ଏପରି ପରିସ୍ଥିତିରେ ନିଜ ପିଲାମାନଙ୍କୁ କୁହ ଯେ ତୁମେ ନିଜ କ୍ଲାସ୍‌ର ପିଲାମାନଙ୍କ ପାଇଁ ନିଶ୍ଚିତ ରୁପେ ଟଫି, ଗୋଲି ବା ଚକୋଲେଟ୍ ବା କେକ୍ ଇତ୍ୟାଦି ନେଇଯାଇପାର କିନ୍ତୁ ତୁମକୁ ଏହା ଜାଣିବା ଉଚିତ୍ ଯେ ନିଜର ଜନ୍ମବାର୍ଷିକ ଦିନ ତୁମେ ଗରୀବ ମାନଙ୍କ ସାହାଯ୍ୟ କରିବା ଉଚିତ୍ । ସେଥିପାଇଁ ଚ୍ୟାରିଟି ରେ କିଛି ଦିଅ, କିଛି ସଦ୍‌କା ଦିଅ ଓ ନିଜେ ଦୁଆ ମଧ୍ୟ କର । ଯଦି ଏହା ସବୁ କରୁଛନ୍ତି ତେବେ କୌଣସି ପ୍ରକାର ଅସୁବିଧା ନାହିଁ । କିନ୍ତୁ କୌଣସି ପ୍ରକାର ବାଧ୍ୟ କରି ବୋଝ ପକାଇବା ଉଚିତ୍ ନୁହେଁ ।

କ୍ରମଶଃ... **(ବ ହଓ୍ୱାଲା ଅଖ୍‌ବାର୍ ବଦର୍ ୮,୨୯ ଜୁନ୍-୨୦୧୭)**

## ତହ୍‌ରିକ ଜଦିଦ୍ ଚାନ୍ଦା ସମ୍ପୂର୍ଣ୍ଣ ରୂପେ ପଇଠ କରିବା ହେଉଛି ଏକ ଗୁରୁ ଦାୟିତ୍ୱ

ଯେପରି ଆପଣମାନେ ଜାଣିଛନ୍ତି ଯେ ତହ୍‌ରିକ୍ ଜଦିଦ୍‌ର ବର୍ଷ ୧ ନଭେମ୍ବର ରୁ ଆରମ୍ଭ ହୋଇ ୩୧ ଅକ୍ଟୋବର ରେ ଶେଷ ହୁଏ । ଏ ଦୃଷ୍ଟିକୋଣରୁ ଚଳିତ ବର୍ଷ ଶେଷ ହେବା ପାଇଁ ଏବେ ମାତ୍ର ଅଢ଼େଇମାସ ବାକି ଅଛି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କହୁଛନ୍ତି- ‘‘ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା କହୁଛନ୍ତି ଯେ ସେହିସବୁ ଓ୍ୱାଦା (ପ୍ରତିଶୃତି) ଯାହା ଖୁଦାତାଲାଙ୍କ ପାଇଁ କରାଯାଏ, ସେ ବିଷୟରେ ପଚରାଯିବ ଅର୍ଥାତ୍ ସେ ବିଷୟରେ ହିସାବ ମଗାଯିବ । ସେ ବ୍ୟକ୍ତି ଯିଏ ଓ୍ୱାଦା କରିନାହିଁ ସେ ହେଉଛି ଦୁର୍ବଳ ଓ ଖୁଦାତାଲା ତାକୁ ନିଜ ଦୃଷ୍ଟିରେ ଦେଖିଥାଏ । କିନ୍ତୁ ଯିଏ ଓ୍ୱାଦା କରିଛି ଏବଂ ତାକୁ ପୁରା କରୁନାହିଁ ସେ ହେଉଛି ଦୋଷି ଓ ଖୁଦାତାଲା ତାକୁ ଦଣ୍ଡ ଦେବ । ତେଣୁ ଏହି ଓ୍ୱାଦା କରିବା ସାଧାରଣ କଥା ନୁହେଁ । ପ୍ରଥମତଃ ଦୁଃଖର ବିଷୟ ଯେ ଏତେବଡ଼ ମହାନ୍ କାର୍ଯ୍ୟ ପାଇଁ ଏତେ ସାଧାରଣ ତ୍ୟାଗ, ପୁଣି ଏହାଠାରୁ ଅଧିକ ଦୁଃଖର କଥା ଏହା ଯେ ଓ୍ୱାଦା ପୁରା କରିବା ପାଇଁ ବହୁତ କମ୍ ଧ୍ୟାନ ଦିଆଯାଉଛି’’ ।

**(ତହ୍‌ରିକେ ଜଦିଦ୍ ଏକ୍ ଇଲାହି ତହ୍‌ରିକ୍, ତୃତୀୟ ଖଣ୍ଡ, ପୃଷ୍ଠା-୧୫୦)**

ପୁଣି କହୁଛନ୍ତି ଯେ:- ‘‘ଯଦି ତୁମେ ଅହେମଦୀୟତ୍‌କୁ ନିଷ୍ଠତାର ସହିତ ଗ୍ରହଣ କରିଅଛ ତେବେ ହେ ପୁରୁଷମାନେ! ଏବଂ ହେ ନାରୀଗଣ! ତୁମ ଉପରେ ଏହା ଧାର୍ଯ୍ୟ ଅଟେ ଯେ ତହ୍‌ରିକ୍ ଜଦିଦ୍‌ର ଉଦ୍ଦେଶ୍ୟ ଲକ୍ଷ୍ୟକୁ ହାସଲ କରିବା ପାଇଁ ମୋତେ ସହଯୋଗ କର । ପୃଥିବୀ ଓ ଆକାଶର ଖୁଦା ସାକ୍ଷୀ ଅଛନ୍ତି ଯେ ଯାହା କିଛି ମୁଁ କହୁଅଛି ମୋ ନିଜ ପାଇଁ କହୁନାହିଁ । ଖୁଦାତାଲା ଏବଂ ଇସ୍‌ଲାମ୍ ନିମନ୍ତେ କହୁଅଛି । ରସୁଲୁଲ୍ଲାଃ ସ୍ୱଲଲ୍ଲାହୋ ଆଲୈହେ ଓ୍ୱସ୍‌ସଲ୍ଲମ୍‌ଙ୍କ ନିମନ୍ତେ କହୁଅଛି । ତୁମେ ଆଗକୁ ବଢ଼ ଏବଂ ନିଜର କାୟା ଓ ମନ ଓ ନିଜର ଧନକୁ ଖୁଦା ଏବଂ ତାର ରସୁଲ୍ ସ୍ୱଲଲ୍ଲାହୋ ଆଲୈହେ ଓ୍ୱସ୍‌ସଲ୍ଲମ୍ ଙ୍କ ନିମନ୍ତେ କୁର୍ବାନ୍ କରିଦିଅ । (କିତାବ୍ ପାଂଚ୍ ହଜାରୀ ମୁଜାହିଦିନ୍, ପୃଷ୍ଠା-୮)

ସମସ୍ତ ଜିଲ୍ଲାଇ ଅମୀର୍, ସ୍ଥାନୀୟ ଅମୀର୍, ସଦର ସାହାବାନ୍ ଏବଂ ଜିଲ୍ଲାଇ ଓ ସ୍ଥାନୀୟ ତହ୍‌ରିକ୍ ଜଦିଦ୍‌ର ସେକ୍ରେଟାରୀମାନଙ୍କୁ ନିବେଦନ କରାଯାଉଛି ଯେ ସେମାନେ ନିଜ ନିଜ ଜମାତ୍‌ର ସମସ୍ତ ବ୍ୟକ୍ତିମାନଙ୍କ ଠାରୁ ସେମାନେ କରିଥିବା ଓ୍ୱାଦାର ଶତ ପ୍ରତିଶତ ଆଦାୟ କରିବା ପାଇଁ ନିଜର ଚେଷ୍ଟାକୁ ତୀବ୍ର କରନ୍ତୁ । ଫଳତଃ ଜମାତ୍ ଅହେମଦୀୟା ଭାରତ ନିଜର ଗୌରବମୟ ପ୍ରତିଷ୍ଠାକୁ କାଏମ୍ ରଖି ଖଲିଫାଙ୍କ ନିକଟରୁ ମିଳିଥିବା ଚଳିତ ବର୍ଷର ଟାର୍ଗେଟ୍‌କୁ ପୁରା କରିପାରିବ ଏବଂ ଆମ୍ଭେ ପ୍ରିୟ ଆକାଙ୍କ ଗ୍ରହଣୀୟ ଦୁଆରୁ ଅଧିକରୁ ଅଧିକ ଭାଗ ପାଇବାର ଗୌରବ ହାସଲ କରିପାରିବା । ଓ୍ୱ ବିଲ୍ଲାହିଲ୍ ତୌଫିକ୍ ।

ଅଲ୍ଲାଃତାଲା ଜମାତ୍‌ର ସମସ୍ତ ବ୍ୟକ୍ତିଙ୍କୁ ନିଜର ଅସୀମ ଦୟା, କରୁଣା ଓ ବର୍‌କତ୍‌ର ଉତରାଧିକାରୀ ବନାନ୍ତୁ । ଆମିନ୍ ।

**(ଓ୍ୱକିଲୁଲ୍ ମାଲ୍ ତହ୍‌ରିକେ ଜଦିଦ୍ କାଦିଆନ୍)**

## ନଶରୋ ଇଶାଅତ୍‌ର D.T.P ସେଂଟର୍ ପାଇଁ ପ୍ରାର୍ଥିନୀ ଆବଶ୍ୟକ

ନଜାରତ୍ ନଶରୋ ଇଶାଅତ୍ ସଦର ଅଞ୍ଜୁମାନ୍ ଅହେମଦୀୟାର D.T.P ସେଂଟର୍‌ରେ ଜଣେ କମ୍ପ୍ୟୁଟର୍ ଅପରେଟର୍‌ର ଆବଶ୍ୟକ ଅଛି । ଲଜନା ମାନଙ୍କ ମଧ୍ୟରୁ ଅଭିଳାଷୀ ପ୍ରାର୍ଥିନୀ ନିଜର ଦରଖାସ୍ତ ନିଜର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଆଟେଷ୍ଟେଡ୍ ସହିତ ଆବେଦନ ଫର୍ମ ନଜାରତ୍ ଦିଓ୍ୱାନଙ୍କ ଠାରୁ ହାସଲ କରି ତାକୁ ସମ୍ପୂର୍ଣ୍ଣ କରିବା ପରେ ଅମୀର୍ ଜମାତ୍ / ସଦର୍ ଜମାତ୍ / ସଦର୍ ଲଜନା ଙ୍କ ଦ୍ୱାରା ତସ୍‌ଦିକ୍ (ପୁଷ୍ଟି) କରି ଦୁଇମାସ ଭିତରେ ପଠାନ୍ତୁ ।

୧.ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ +୨ (ସେକେଣ୍ଡ୍ ଡିଭିଜନ୍) ହୋଇଥିବ । ହିନ୍ଦି, ଉର୍ଦ୍ଦୁ, ଆରବୀ, ଇଂରାଜୀ ଲେଖିବା ପଢ଼ିବା ଜାଣିଥିବେ ।

୨.ହିନ୍ଦି ଟାଇପିଂ ରେ ଦକ୍ଷତା ଥିବ । ଅତି କମ୍‌ରେ ଗୋଟିଏ ବର୍ଷର ଅଭିଜ୍ଞତା ଥିବ ୩.ହିନ୍ଦି ଟାଇପିଂ Key-Board ନଦେଖି କମ୍ପୋଜ୍ କରିପାରୁଥିବେ । ଘଂଟାକୁ ଅତି କମ୍‌ରେ ତିନିଶହ ଶବ୍ଦ ଟାଇପ୍ କରିପାରୁଥିବେ ୪.ହିନ୍ଦି ଟାଇପିଂ In-Design Software ର Chanakya Unicode font ରେ କରିବା ଜାଣିଥିବେ ୫.କମ୍ପ୍ୟୁଟର୍ ସାଇନ୍‌ସରେ ଡିପ୍ଲମା କରିଥିବେ ୬. In-Design, MS-word, In-Page ବିଷୟରେ Basic Knowledge ଥିବ ୭. ଓ୍ୱାକିଫେ ଜିନ୍ଦେଗି ଏବଂ ଓ୍ୱକ୍‌ଫେ ନୌ ତହ୍‌ରିକ୍‌ରେ ସାମିଲ୍ ହୋଇଥିବା ମେମ୍ବର୍ ନିଜର ହଓ୍ୱାଲା ମଞ୍ଜୁରୀ ଓ୍ୱକ୍‌ଫ ଏ ନୌ ଦରଖାସ୍ତରେ ଦରଜ କରନ୍ତୁ ୮. ଦରଖାସ୍ତରେ ନିଜର ବାପା / ସ୍ୱାମୀ / ଅଭିଭାବକ ଙ୍କ ତସ୍‌ଦିକ୍ ଦସ୍ତଖତ ମଧ୍ୟ କରାଇବେ ୯. ପ୍ରାର୍ଥିନୀଙ୍କୁ ଇଂଟର୍‌ଭିଉର ତାରିଖ ପରେ ଜଣାଇ ଦିଆଯିବ । ତତ୍ ସହିତ ଇଂଟର୍‌ଭିଉ ପାଇଁ କାଦିଆନ୍ ଆସିବାର ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ ୧୦.କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ ବହନ କରିବେ ।

**(ନଜର୍ ଦିଓ୍ୱାନ ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍)**

## ସାଲାନା ଇଜିତେମା

**ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍‌ନା ଇମାଇଲ୍ଲାଃ ଭାରତ-୨୦୧୭**

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜ୍‌ନା ଇମାଇଲାଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଦିଚ୍ଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍‌ନା ଇମାଇଲ୍ଲାଃ ଭାରତ-୨୦୧୭ ନିମନ୍ତେ ତା ୧୩,୧୪,୧୫ ଅକ୍ଟୋବର ଶୁକ୍ରବାର, ଶନିବାର, ରବିବାର ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ ମର୍କଜି ଇଜିତେମାଅତ୍ ରେ ସାମିଲ୍ ହେବାପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 28 SEPT 2017 Issue No. 39

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍ନା ହଜ୍ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ଏପ୍ରିଲ୍ ୨୦୧୭

(ରିପୋର୍ଟ:-ଅବ୍ଦୁଲ୍ ମାଜିଦ୍ ତାହେର, ଏଡ଼ିଶିନାଲ୍ ଓକିଲୁଲ୍ ତବ୍ଶିର୍ ଲଣ୍ଡନ)

## ବାକି ରିପୋର୍ଟ
## ୨୩ ଏପ୍ରିଲ୍ ୨୦୧୭
## ମଜ୍ଲିସ୍ ସୱାଲ୍ ଜବାବ୍

ଏହାପରେ ଜଣେ ୱାକ୍ଫେ ନୌ ପଚାରିଲେ ଯେ ଶିରିଆ ଦେଶରେ କେମିକାଲ୍ ଆକ୍ରମଣ ପରେ ଆମେରିକା ଯେଉଁ ରକେଟ୍ ସହିତ ଆକାଶ ମାର୍ଗରୁ ଆକ୍ରମଣ କଲା ଆମେ କଣ ଏହି ଆକ୍ରମଣକୁ ମୁସଲମାନ୍ ବିରୋଧି ବା ଇସଲାମ୍ ବିରୋଧୀ ବୋଲି କହିବାରିବା ?

ଏହାର ଉତରରେ ହଜୁର୍ ଅନୁୱର୍ କହିଲେ ପ୍ରଶ୍ନ ଏହା ହେଉଛି ଯେ ଶିରିଆ ସରକାର୍ ଯିଏ ନିଜ ଲୋକମାନଙ୍କୁ ଓ ମୁସଲମାନ୍ ମାନଙ୍କୁ ମାରିଚାଲିଛି ତାକୁ ଆମେ କଣ କହିବା? ଗୋଟିଏ ପଟେ ରଷିଆ ଶିରିଆ ସରକାରଙ୍କ ସାହାଯ୍ୟ କରିଚାଲିଛି ଏବଂ ଲୋକମାନଙ୍କୁ ମାରିଚାଲିଛି । ସେମାନେ ତ ମୁସଲମାନ ଅଟନ୍ତି, ସେମାନେ ତ ଏହି କଲମା ପଢ଼ୁଛନ୍ତି । ଅନ୍ୟପଟେ ଆମେରିକା ଯଦି ଆକ୍ରମଣ କରୁଅଛି ଏଥିପାଇଁ କରୁଛି ଯେ ଯେଉଁ ମୁସଲମାନ୍ ମାନେ ପ୍ରଥମେ ମରିଯାଇଛନ୍ତି ତାଙ୍କ ଉପରେ ଅତ୍ୟାଚାର ହୋଇଛି । ସେଥିପାଇଁ ସେ କହିଲା ଅନ୍ୟ ମୁସଲମାନ୍ ମାନଙ୍କୁ ମାରିଦିଅ । ଦୁଇ ଆଡୁ ଅତ୍ୟାଚାର ହେଉଅଛି । ସେଇଥିପାଇଁ ଆଁ ହଜରତ୍ ସ:ଆ:ସ କହୁଛନ୍ତି ଯେ ତୁମେ ଅତ୍ୟାଚାରକୁ ରୋକ । ଯଦି ହାତରେ ନ ରୋକି ପାରୁଛ ତ ମୁହଁ ଦ୍ୱାରା ରୋକ । ଯଦି ମୁହଁ ଦ୍ୱାରା ରୋକି ନ ପାରୁଛି ତେବେ ଦୁଆ କରି ରୋକ । ଆମ ପାଖରେ ତ ବର୍ତମାନ କୌଣସି ଶକ୍ତି ନାହିଁ । ଆମେ କେବଳ ଦୁଆ କରିପାରିବା ଯେ ଅଲ୍ଲାଃତାଲା ଏହି ମୁସଲମାନ୍ ଲିଡରମାନଙ୍କୁ ଜ୍ଞାନ ପ୍ରଦାନ କରନ୍ତୁ ଏବଂ ଯେଉଁ ମୁସଲମାନ୍ ରେବେଲ୍ ଗ୍ରୁପସ (ବିକ୍ଷୋଭକାରୀ ଦଳ) ଅଛନ୍ତି ସେମାନଙ୍କୁ ମଧ୍ୟ ଜ୍ଞାନ ପ୍ରଦାନ କରନ୍ତୁ । ଏବଂ ଯେଉଁ କଠୋରପନ୍ଥୀ ଓ ଇସଲାମ ନାମରେ ଯେଉଁମାନେ ଅତ୍ୟାଚାର କରୁଛନ୍ତି ସେମାନଙ୍କୁ ମଧ୍ୟ ଜ୍ଞାନ ପ୍ରଦାନ କରନ୍ତୁ । ଏହି ଦୁଇଜଣ ବ୍ଲକ୍ ତିଆରି କରିନେଇଛନ୍ତି । ଗୋଟିଏ ମୁସଲମାନ ଦଳ ରଷିଆ ସହିତ ବ୍ଲକ୍ ତିଆରି କରି ଗୋଷ୍ଠୀ ନିର୍ମାଣ କରିଛନ୍ତି ଏବଂ ଦ୍ୱିତୀୟଟି ଆମେରିକା ସହିତ ଗୋଷ୍ଠୀ ନିର୍ମାଣ କରିଛି । ତେବେ ଆମେ ଏହାକୁ ମୁସଲମାନଙ୍କ ଉପରେ ଆକ୍ରମଣ ବୋଲି କିପରି କହିପାରିବା ? ମୁସଲମାନ ମାନଙ୍କ ମଧ୍ୟରେ ମୁନାଫିକତ୍ (କପଟତା) ଜନ୍ମ ନେଇସାରିଛି । ତେବେ ଆମେ ପୁଣି ଏହାକୁ କିପରି କହିପାରିବା । ପୁଣି ତୁର୍କୀ ଯିଏ କୁର୍ଦ୍ ମାନଙ୍କୁ ମାରୁଅଛି ବା ଶିରିଆ ସରକାର ସୁନିମାନଙ୍କୁ ଏବଂ ସୁନିମାନେ ଶିହା ମାନଙ୍କୁ ମାରୁଛନ୍ତି । ପ୍ରତ୍ୟହ ଆତଙ୍କବାଦ୍ର ଆକ୍ରମଣ ହେଉଅଛି । କାଲି ତାଲିବାନ୍ମାନେ ଆଫଗାନିସ୍ତାନ୍ରେ ୧୩୦ ଜଣ ଫୌଜୀଙ୍କୁ ମାରିଦେଇଛନ୍ତି । ତାହାଲେ ଏହା କଣ ଇସଲାମ୍ ବିରୁଦ୍ଧରେ ଯୁଦ୍ଧ ଅଟେ? ଏହି ମୁସଲମାନ୍ ମାନେ ନିଜେ ମୁନାଫିକ୍ ଅଟନ୍ତି । ଏବଂ ଏହା ସବୁ ହେବାର ଥିଲା । କାରଣ ଏହା ଇସ୍ଲାମୀୟ ଯୁଦ୍ଧ ନୁହେଁ ଯେପରିକି ମୁଁ ପୁର୍ବରୁ ବତାଇ ସାରିଛି ଯେ ହଜରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି 'ତୁମ୍ ହଜିମତ୍ ଉଠାଓଗେ' ଅର୍ଥାତ୍ ତୁମେ ଦୁଃଖ ଓ କଷ୍ଟଣ ଭୋଗିବ । ଯଦି ତୁମେ ଇସ୍ଲାମ୍ ନାମରେ ଯୁଦ୍ଧ କରିବା ପାଇଁ ଚେଷ୍ଟା କରିବ ବା ଯଦି ଦାଏଶ୍ ଇସ୍ଲାମ୍ ନାମରେ ଯୁଦ୍ଧ କରିବା ପାଇଁ ଚେଷ୍ଟା କରୁଅଛି ତେବେ ମାଡ଼ ଖାଇ ଖାଇ ନିଃଶେଷ ହୋଇଗଲାଣି । ତାଙ୍କ ପାଖରେ ଏବେ କଣ ଅଛି ? ସେମାନେ ଦୁଃଖ ଭୋଗି ସାରିଲେଣି । ପ୍ରକୃତ କଥା ଏହା ଥିଲା ଯେ ଯଦି ସେମାନେ ଇସ୍ଲାମ୍ ନାମରେ ଯୁଦ୍ଧ କରୁଥିଲେ ଓ ଏହା ଇସଲାମୀୟ ଯୁଦ୍ଧ ଥିଲା ତେବେ ପୁଣି ସେମାନେ ନିଃଶେଷ ହେବା ପରିବର୍ତେ ଜିତିଥାନ୍ତେ । କାରଣ ଅଲ୍ଲାଃତାଲାତ ଜିତିବାର ପ୍ରତିଶ୍ରୁତି ଦେଇଅଛି । ଅଲ୍ଲାଃତାଲା ଏହାର ଚିହ୍ନ ଏପରି ବତାଇଛି ଯେ ଯଦି ତୁମେ ଇସଲାମ୍ ନାମରେ ଯୁଦ୍ଧ କରୁଥିବ ତେବେ ତୁମେ ନିଶ୍ଚିତ ରୁପେ ବିଜୟୀ ହେବ । କାରଣ ମୋର ସାହାଯ୍ୟ ତୁମ ସହିତ ଅଛି ।....

ଏହାପରେ ଜଣେ ୱାକ୍ଫେ ନୌ ପ୍ରଶ୍ନ କଲେ ଯେ ପାକିସ୍ତାନ୍ରୁ ଯେଉଁ ନୁଆ ଲୋକମାନେ ଏଠାକୁ ଆଜାଇଲମ୍ (ଶରଣାର୍ଥୀ) ରୁପେ ଆସୁଛନ୍ତି ସେମାନଙ୍କୁ ସାଧାରଣତଃ କାମ କରିବା ପାଇଁ ଅନୁମତି ମିଳେନାହିଁ । କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ଲୋକ କାମ କରୁଅଛନ୍ତି । ଏବଂ ଯେତେବେଳେ ସେମାନେ କାମ କରୁଛନ୍ତି ତା ଉପରେ ଟ୍ୟାକ୍ସ ବା ଇନ୍ସୁରାନ୍ସ ଇତ୍ୟାଦି ଦେଉନାହାଁନ୍ତି । ତେବେ କଣ ଏପରି ଲୋକମାନେ ଚାନ୍ଦା ଦେବା ଉଚିତ୍ ?

ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯାହା କିଛି ନିୟମ ବିରୋଧ କାମ କରି ତା ଦ୍ୱାରା ଆମଦାନୀ କରାଯାଉଛି ସେଥିରୁ ଆମକୁ ଚାନ୍ଦା ନେବା ଉଚିତ୍ ନୁହେଁ । ସେଥିପାଇଁ ମୁଁ କେତେ ଖୁତ୍ବାରେ ମଧ୍ୟ କହିସାରିଛି ଯେ ଟ୍ୟାକ୍ସ ଚୋରି କରନାହିଁ । ଟ୍ୟାକ୍ସ ବଂଚାଓ ନାହିଁ । ଏହା ଭୁଲ୍ କଥା ଅଟେ । ପୁଣି ଏହା ହେଉଛି ଯଦି ତୁମେ ଶରୀୟତ ମୁତାବକ ଭୁଲ୍ କାର୍ଯ୍ୟ କରୁଅଛ, ମଦ ବିକ୍ରି କରୁଅଛ ଯେଉଁମାନଙ୍କ ବିଷୟରେ ଆଁ ହଜଁରତ୍ ସ:ଆ:ସ କହିଛନ୍ତି ମଦ ବିକ୍ରି କରିବା ବାଲା, ମଦ ପିଆଇବା ବାଲା, ମଦ ତିଆରି କରିବା ବାଲା ଏମାନେ ସମସ୍ତେ ଲାନତି ଓ ଜହନ୍ନମି (ନର୍କଗାମୀ) ଅଟନ୍ତି । ତ ଏପରି ସ୍ଥଳେ ଆମେ ଚାନ୍ଦା କିପରି ନେଇପାରିବା । ପବିତ୍ର କୋରାନ୍ କେବଳ ଏତିକି ଅନୁମତି ଦେଇଛି ଯେ ଯଦି ତୁମେ ଭୋକିଲା ମରୁଅଛ ତେବେ ଯାଇ ତୁମେ ଘୁଷୁରି (ସୁଅର୍) କୁ ଖାଇପାରିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଘୁଷୁରି (ସୁଅର୍) ମଧ୍ୟ ଆମ ପାଇଁ ଏକ ବହୁତ ବଡ଼ ସମସ୍ୟା ହୋଇଗଲାଣି । ଲୋକମାନେ ଘୁଷୁରିର ମୁଣ୍ଡ କାଟି ଆଣି ଆମ ମସ୍ଜିଦ୍ରେ ରଖିଦେଉଛନ୍ତି । ଏବଂ ଭାବୁଛନ୍ତି ଯେ ଆମ୍ଭେ ମୁସଲମାନଙ୍କ ଭାବନାକୁ ଉଲ୍ଲସିତ କରୁଅଛୁ । କିନ୍ତୁ ଏଥିରେ ଭାବନାକୁ ଉଲ୍ଲସିତ କରିବାର ଆବଶ୍ୟକ ନାହିଁ । ଯଦି ଏହି ମୁଣ୍ଡ ପଡ଼ିଛି ତେବେ ସେମାନଙ୍କୁ କହିଦିଅ ଯେ ଆଉ ତିନି ଚାରିଟା ମୁଣ୍ଡ ଆଣି ପକେଇଦିଅ । ତେବେ ସେମାନେ ଆପେଆପେ ଚୁପ୍ ହୋଇଯିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ କୌଣସି ଉପାୟ ନପାଇଲେ ସେ ସମୟରେ ସୁଅର୍ ଖାଇବାକୁ ମଧ୍ୟ ଅନୁମତି ଦିଆଯାଇଛି । କିନ୍ତୁ କେବଳ ସେମାନଙ୍କ ପାଇଁ ଯେଉଁମାନଙ୍କ ପାଖରେ କୌଣସି ଉପାୟ ନାହିଁ, ଆମପାଇଁ ନୁହେଁ । ଯମାତ୍କୁ ଏପରି କୌଣସି ଆବଶ୍ୟକତା ନାହିଁ ଯେ କାନୁନ୍ ବିରୋଧ କରି ଅର୍ଜନ କରାଯାଇଥିବା ଧନ ବା ଅଣ ଶରୀୟତି କାମ ଦ୍ୱାରା ଅର୍ଜନ କରାଯାଇଥିବା ଧନରୁ ଚାନ୍ଦା ନିଆଯିବ । ଯିଏ ଏପରି କରୁଛନ୍ତି ସେମାନେ ଭୁଲ୍ କରୁଛନ୍ତି । ମୁଁ ଖୁତ୍ବାରେ ଆୟୋଜକଙ୍କୁ ମଧ୍ୟ କେତେଥର କହିସାରିଛି ।

ଜଣେ ୱାକ୍ଫେ ନୌ ପ୍ରଶ୍ନ କଲେ ଯେ ଗୋଟିଏ ହଦିସ୍ ରେ ଅଛି ଯେ ମସିହ୍ ମଉଦ୍ ଯେତେବେଳେ ଆସିବେ ଶିରିଆର ପୁର୍ବ ଭାବରେ ଗୋଟିଏ ମିନାରା ଉପରେ ଓହ୍ଲାଇବେ ବୋଲି । ଗଏର୍ ଅହେମଦୀମାନେ କହୁଛନ୍ତି ଯେ ଶିରିଆରେ ଗୋଟିଏ ମସ୍ଜିଦ୍ ଅଛି ଯାହାର ମିନାର୍ ଉପରେ ସେ ଓହ୍ଲାଇବେ । ଯଦିତ ଆମ ମସିହ୍ ମଉଦ୍ ଆ:ସ ଙ୍କ ଜନ୍ମ ପରେ କାଦିଆନ୍ରେ ମିନାରା ନିର୍ମାଣ କରାଯାଇଥିଲା ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମିନାରା ଉପରେ ମସିହ୍ଙ୍କ ଅବତୀର୍ଣ୍ଣ ହେବା ଏକ ପ୍ରକାର ଉଦାହରଣ । ଏହା ତ ଗୋଟିଏ ଦୃଷ୍ଟାନ୍ତ ଦିଆଯାଇଛି ଯେ ମସିହ୍ ଦମିଶ୍କ ର ପୂର୍ବରେ ଓହ୍ଲାଇବେ । ଆପଣମାନେ ନକ୍ସାରେ ଦେଖିପାରିବେ ଯେ କାଦିଆନ୍ ଏବଂ ପଞ୍ଜାବ୍ ଦମିଶ୍କ ର

ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ......

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan